# ଆର୍‌ଜିଏଚ୍‌ରେ ମୃତ୍ୟୁ ନେଇ ବିଜେଡିର ଉଦ୍‌ବେଗ

**ରାଉରକେଲା, ୩୧।୫(ସମିସ):** ଗୁରୁବାର ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ସେକ୍ଟର-୨୦ ଆଜାଦ ବସ୍ତି, ମଧୁସୂଦନପାଲି, ଛେଣ୍ଡ, ହାତୀବାରି, ଜଳଦା ଏ ବ୍ଲକ, ଜଳଦା ସି ବ୍ଲକ, ଝିରପାଣି, ରେଲୱେ କଲୋନୀ, ଗର୍ଜନ, କୁତ୍ରା, ଝାଡ଼ତରଙ୍ଗ, ପ୍ଲାଣ୍ଟସାଇଟ୍ ଆଦି ଅଞ୍ଚଳର ଲୋକଙ୍କ ମୃତ୍ୟୁ ଘଟଣାରେ ବିଜେଡି ଉଦବେଗ ପ୍ରକାଶ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ତେବେ ଅଚାନକ ଏତେଗୁଡ଼ିଏ ମୂଲ୍ୟବାନ ଜୀବନ ହାନି ହୋଇଥିବା ଖବର ପାଇ ସହର ବାହାରେ ଥିବା ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାର ପ୍ରତି ସେ ସମବେଦନା ଜଣାଇଛନ୍ତି। ତାପମାତ୍ରାରେ ଅହେତୁକ ବୃଦ୍ଧି ଅତ୍ୟନ୍ତ ଚିନ୍ତାଜନକ ବୋଲି ନାୟକ କହିଛନ୍ତି। ଡାକ୍ତରଖାନା ଅଧୀକ୍ଷକଙ୍କ ସହିତ ଆଲୋଚନା କରି ଅଂଶୁଘାତ ଜନିତ ଚିକିତ୍ସା ପାଇଁ ସମସ୍ତ ସୁବିଧା ଯଥାଶୀଘ୍ର ଯୋଗାଇଦେବା ପାଇଁ ସେ ନିର୍ଦ୍ଦେଶ ଦେଇଥିବା ମୁଖପାତ୍ର ଜୟନ୍ତ କୁମାର ମିଶ୍ର ଜଣାଇଛନ୍ତି।

# ଆର୍‌ଏସ୍‌ପି ଦ୍ୱାରା ମୌସୁମୀ ପ୍ରସ୍ତୁତି କାର୍ଯ୍ୟଧାରା ତ୍ୱରାନ୍ୱିତ

**ରାଉରକେଲା, ୩୧।୫(ସମିସ):** ଆର୍‌ଏସ୍‌ପି ସିଭିଲ୍ ଇଞ୍ଜିନିୟରିଂ ସର୍ଭିସେସ୍ ବିଭାଗ ଦ୍ୱାରା କାରଖାନାର ନିରବଚ୍ଛିନ୍ନ



ଉତ୍ପାଦନକୁ ସୁନିଶ୍ଚିତ କରିବା ପାଇଁ ମୌସୁମୀ ଆସିବା ପୂର୍ବରୁ ବର୍ଷାକାଳୀନ ପ୍ରସ୍ତୁତି କାର୍ଯ୍ୟଧାରା ତ୍ୱରାନ୍ୱିତ କରାଯାଉଛି। ବିଭାଗ ଦ୍ୱାରା ସମସ୍ତ ପ୍ରମୁଖ ସଡ଼କ ପାର୍ଶ୍ୱ ଡ୍ରେନଗୁଡ଼ିକର ରକ୍ଷଣାବେକ୍ଷଣ ସାଙ୍ଗକୁ ଭୂତଳ ଡ୍ରେନେଜ୍ ବ୍ୟବସ୍ଥା ତଥା ସଫେଇ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। କାରଖାନାର ବିଭିନ୍ନ ଅଞ୍ଚଳରେ ଡ୍ରେନ୍ ସଫେଇ କାର୍ଯ୍ୟ ମଧ୍ୟ ଚାଲିଛି। ମୌସୁମୀଜନିତ ବର୍ଷା ସମୟରେ ସଠିକ ଜଳ ନିଷ୍କାସନ ପାଇଁ ଦୁଇଟି ପ୍ରମୁଖ ଡ୍ରେନ୍ ଗୁରାଡିହ ନାଳ ଏବଂ ଉତ୍ତର ଚ୍ୟାନେଲଗୁଡ଼ିକ ମଧ୍ୟ ସଫା କରାଯାଉଛି। କାରଖାନାର ପ୍ରାଚୀର ସହିତ ସମସ୍ତ ଆଉଟ୍‌ଫଲ୍ ଏବଂ ଗ୍ରିଲ୍‌ଗୁଡ଼ିକର ମଧ୍ୟ ନିରନ୍ତର ରକ୍ଷଣାବେକ୍ଷଣ ସହ ପରିଷ୍କାର ରଖାଯାଉଛି। ଆବଶ୍ୟକ ସ୍ଥଳେ ଉଭୟ ଯାନ୍ତ୍ରିକ ଏବଂ ମାନୁଆଲ ସଫେଇ ପ୍ରକ୍ରିୟା ବ୍ୟବହାର କରାଯାଉଛି।

ଏତଦବ୍ୟତୀତ ମୌସୁମୀ ବର୍ଷା ସମୟରେ କାରଖାନାରେ ନିରବଚ୍ଛିନ୍ନ ଉତ୍ପାଦନକୁ ସୁନିଶ୍ଚିତ କରିବା ପାଇଁ କ୍ରମାଗତ ଭାବେ ବିଭିନ୍ନ ୟୁନିଟ୍‌ର ଛାତର ଜିସି ସିଟ୍ ବଦଳାଇବା କାର୍ଯ୍ୟ ଚାଲିଛି। ଗୁରୁତ୍ୱପୂର୍ଣ୍ଣ ବୈଦ୍ୟୁତିକ ୟୁନିଟ, ନିୟନ୍ତ୍ରଣ କକ୍ଷ ଏବଂ ପ୍ରମୁଖ କୋଠାଗୁଡ଼ିକର ଜଳନିରୋଧି ସମସ୍ତ କାର୍ଯ୍ୟ ସମାପ୍ତ ହେବା ସହ ଅନ୍ୟ ୟୁନିଟ୍‌ଗୁଡ଼ିକରେ ମଧ୍ୟ କାମ ଚାଲିଛି। ମୌସୁମୀ ଆସିବା ପୂର୍ବରୁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଜୁନ୍ ୧୦ ସୁଦ୍ଧା ଶେଷ କରିବାକୁ ଯୋଜନା ରହିଛି। ମୌସୁମୀ ଜନିତ ଯେକୌଣସି ଅସୁବିଧାକୁ ଏଡ଼ାଇବା



ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକ ସହ ନିରନ୍ତର ଯୋଗାଯୋଗ ଏବଂ ସମନ୍ୱୟ ରକ୍ଷା ପାଇଁ ଜୁନ୍ ୧୫ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ବନ୍ୟା ନିୟନ୍ତ୍ରଣ କକ୍ଷ ସିଭିଲ ଇଞ୍ଜିନୀୟରିଂ କାର୍ଯ୍ୟାଳୟରେ ପରିଚାଳିତ ହେବ ବୋଲି କୁହାଯାଇଛି।

## ସେନାବାହିନୀରେ ଚାକିରି ନାଁରେ ବିବାହ କରି ଫସିଲେ

# ଦୋଷୀଙ୍କୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ

**ରାଉରକେଲା, ୩୧।୫(ସମିସ)**

ସେନାବାହିନୀରେ ଚାକିରି କରୁଥିବା କହି ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରିବା ଘଟଣାରେ ଜଣେ ଠକ ଯୁବକଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ରାଉରକେଲାର ପ୍ରଥମ ବିଚାର ବିଭାଗୀୟ ବିଚାରପତି ଉମାକାନ୍ତ ବେହେରା। ଦୋଷୀ ଯୁବକ ହେଲେ କେସିଙ୍ଗା ଅଞ୍ଚଳର କୃଷ୍ଣଚନ୍ଦ୍ର ମାଝୀ। ମିଛ କହି ବିବାହ କରିଥିବାରୁ ତାଙ୍କୁ ୫ ବର୍ଷ ଜେଲ ଦଣ୍ଡ ସହ ୧୯ ହଜାର ଟଙ୍କା ଜରିମାନା ଓ ଏହା ଅନାଦେୟ ଅଧିକ ୫ ମାସ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି ବିଚାରପତି। ଲାଠିକଟା ଥାନା ସୁଇଡିହି ଅଞ୍ଚଳର ଜଣେ ଯୁବତୀ ସମ୍ପର୍କୀୟ ଭଉଣୀଙ୍କ ବିବାହ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା କେସିଙ୍ଗାକୁ ଯାଇଥିଲେ। ସେଠାରେ କୃଷ୍ଣଚନ୍ଦ୍ରଙ୍କ ସହ ଯୁବତୀଙ୍କ ଦେଖା ହୋଇଥିଲା। ପରେ କୃଷ୍ଣଚନ୍ଦ୍ର ନିଜକୁ ଆର୍ମିରେ ଚାକିରି କରିଥିବା କହି ବନ୍ଧୁତା ସ୍ଥାପନ କରିଥିଲେ। ବନ୍ଧୁତା ପ୍ରେମ ଆଡ଼କୁ ଯିବା ପରେ ଯାଜପୁରରେ ଦୁହେଁ ବିବାହ କରିଥିଲେ। ବିବାହ ପରେ କୃଷ୍ଣଚନ୍ଦ୍ର ଯୁବତୀଙ୍କୁ କେସିଙ୍ଗାସ୍ଥିତ ନିଜ ଘରକୁ ଯିବାକୁ କହି ଗୁଜରାଟର ରାଜକୋଟକୁ ନେଇ ଯାଇଥିଲେ। ଇତିମଧ୍ୟରେ ଯୁବତୀ କୃଷ୍ଣଚନ୍ଦ୍ର ସେନାବାହିନୀରେ କୌଣସି ଚାକିରି କରି ନ ଥିବା ଜାଣିବାକୁ ପାଇଥିଲେ। ଏପରିକି ସେ କିଛି କାମଧନ୍ଦା ନ କରି ସମ୍ପୂର୍ଣ୍ଣ ବେକାର ରହିଥିବା ଜଣାପଡ଼ିଥିଲା। ଏତଦବ୍ୟତୀତ ସେ ପୂର୍ବରୁ ବିବାହିତ ଓ ତାଙ୍କର ଏକ ୫ ବର୍ଷର ପୁଅ ଥିବା ଯୁବତୀ ଜାଣିବାକୁ ପାଇଥିଲେ। ଏ ନେଇ ଯୁବତୀ ବିରୋଧ କରିବାରୁ କୃଷ୍ଣଚନ୍ଦ୍ର ତାଙ୍କୁ ନିର୍ଯାତନା ଦେଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। କୌଣସି ମତେ ଯୁବତୀ ପଡ଼ୋଶୀଙ୍କ ସହାୟତାରେ ପରିବାରକୁ ଫୋନ ଯୋଗେ ସବୁ କଥା କହିଥିଲେ। ପରିବାର ଲୋକେ ଗୁଜରାଟରେ ପହଞ୍ଚି ଦୁହିଁଙ୍କୁ ଟ୍ରେନ ଯୋଗେ ନେଇ ଆସୁଥିବା ବେଳେ କୃଷ୍ଣଚନ୍ଦ୍ର ଫେରାର ହୋଇଯାଇଥିଲେ। କିଛିଦିନ ପରେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଓ ଫଟୋ ପରିବାର ତଥା ସାଙ୍ଗମାନଙ୍କୁ ପଠାଇ ସାଙ୍ଗରେ ରହିବାକୁ ଧମକ ଦେଇଥିଲେ। ନଚେତ୍ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଏନେଇ ୨୦୨୩ ଅକ୍ଟୋବର ୧୭ରେ ଯୁବତୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତ କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର କରି ଶୁକ୍ରବାର କୋର୍ଟ କୃଷ୍ଣଚନ୍ଦ୍ରଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରୀ ଓକିଲ ଅକ୍ଷୟ ସାହୁ ଏହି ମାମଲା ପରିଚାଳନା କରୁଥିଲେ।

# ଅଂଶୁଘାତ ମୃତ୍ୟୁ ନେଇ ବିଜେପିର ଉଦ୍‌ବେଗ

**ରାଉଲକେଲା, ୩୧।୫(ସମିସ):** ଚଳିତ ବର୍ଷ ପ୍ରଚଣ୍ଡ ରୌଦ୍ରତାପ, ଅସହ୍ୟ ତାତି ଓ ଝାଞ୍ଜି ମାଡ଼ରେ ସହର ଜନସାଧାରଣ ଅସ୍ତବ୍ୟସ୍ତ ହୋଉଥିବା ବେଳେ ଅଂଶୁଘାତରେ ବହୁ ଅସୁସ୍ଥ ହେବା ସାଙ୍ଗକୁ ମୃତ୍ୟୁବରଣ ମଧ କରିଛନ୍ତି।

ଏହି ସଙ୍କଟ ଓ ସମସ୍ୟାର ତୁରନ୍ତ ନିରାକରଣ ପାଇଁ ଶୁକ୍ରବାର ବିଜେପି ପାନପୋଷ ସାଂଗଠନିକ ଜିଲ୍ଲାର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱରେ ଆରଜିଏଚ୍‌ରେ ପହଞ୍ଚି ଅଂଶୁଘାତରେ ପୀଡ଼ିତ ଏବଂ ମୃତ୍ୟୁବରଣ କରିଥିବା ଉପସ୍ଥିତ ପରିବାର ଲୋକଙ୍କୁ ଭେଟିଥିଲେ। ଏହି ପ୍ରତିନିଧିମଣ୍ଡଳୀ ରାଉଲକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଅଂଶୁଘାତରେ ମୃତ୍ୟୁବରଣ କରୁଥିବା ପରିବାରକୁ ଉପଯୁକ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି




କରିଥିଲେ। ଅଂଶୁଘାତ ପ୍ରକୋପକୁ ଦେଖି ଡାକ୍ତରଖାନାରେ ଅଧିକ ଶଯ୍ୟା ବୃଦ୍ଧି କରିବା ସହ ସେହି ଅନୁସାରେ ପଙ୍ଖା ଓ କୁଲର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଏହାସହ ଅଂଶୁଘାତରେ ଆଉ ଜନସାଧାରଣ ଯେପରି ପୀଡ଼ିତ ନ ହୁଅନ୍ତି ସେ ଦୃଷ୍ଟିରୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବାହାରକୁ ନ ଯିବା ପାଇଁ ପ୍ରଚାର ପ୍ରସାର ମାଧ୍ୟମରେ ସଚେତନ କରିବା ଦିଗରେ ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଅଂଶୁଘାତରୁ ରକ୍ଷା ପାଇଁ ବିଭିନ୍ନ ନିର୍ମାଣ କାର୍ଯ୍ୟରେ କାର୍ଯ୍ୟରତ ଶ୍ରମିକ, ଦିନମଜୁରିଆ, ଖଟିଖିଆଙ୍କ ମଙ୍ଗଳ ପାଇଁ ମଧ୍ୟ ଏହି ସମୟ ସୀମା ଲାଗୁ କରିବା ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଏହା ଉପରେ ଉପଯୁକ୍ତ ଦୃଷ୍ଟିଦେବା ସହ କାର୍ଯ୍ୟକାରୀ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧିମଣ୍ଡଳୀ ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ରଘୁନାଥପଲ୍ଲୀ ବିଜେପି ବିଧାୟକ ପ୍ରାର୍ଥୀ ଦୁର୍ଗା ଚରଣ ତନ୍ତୀ, ଜିଲ୍ଲା ସାଧାରଣ ସମ୍ପାଦକ ଶଶାଙ୍କ ଜେନା, ଜିଲ୍ଲା କୋଷାଧକ୍ଷ ମନୋଜ ମାହେଶ୍ୱରୀ, ମିଡ୍ ଟାଉନ ମଣ୍ଡଳ ସଭାପତି କେଦାର ମହାନ୍ତି, କେଶବ ତାଣ୍ଡିଆ, କୈଳାସ ତନ୍ତୀ ପ୍ରମୁଖ ସାମିଲ ଥିଲେ।

# ସୁନ୍ଦରଗଡ଼ରେ ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ବ୍ୟବସ୍ଥା ଆରମ୍ଭ



**ସୁନ୍ଦରଗଡ଼, ୩୧।୫(ସମିସ):** ସୁନ୍ଦରଗଡ଼ ଆଞ୍ଚଳିକ ପରିବହନ ବିଭାଗ ଦ୍ୱାରା ଶୁକ୍ରବାର ସ୍ୱୟଞ୍ଚାଳିତ ଡ୍ରାଇଭିଂ ଟେଷ୍ଟିଂ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି ବ୍ୟବସ୍ଥା ଅନୁସାରେ ବର୍ତ୍ତମାନ ଟେଷ୍ଟିଂ ଟ୍ରାକରେ ଅବସ୍ଥାପିତ ହୋଇଥିବା ସିସି ଟିଭି କ୍ୟାମେରା ଏବଂ ଭିଡିଓ ଆନାଲିଟିକ ସିଷ୍ଟମ ମାଧ୍ୟମରେ ଡ୍ରାଇଭିଂ ପରୀକ୍ଷା ପରିଚାଳିତ ହେବ। ଏହି ବ୍ୟବସ୍ଥା ଅନ୍ତର୍ଗତ ୬ଟି ଟେଷ୍ଟିଂ ଟ୍ରାକରେ ଚାରିଚକିଆ ଯାନ ଚଳାଇ ନିର୍ଭୁଲ ଭାବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଅତିକ୍ରମ କରିପାରିଲେ ଆବେଦନକାରୀମାନେ ତତ୍‌କ୍ଷଣାତ ପାସ୍ ହୋଇପାରିବେ। ସେହିପରି ଦୁଇଚକିଆ ଯାନ ପାଇଁ ଭିନ୍ନ ଏକ ଟ୍ରକ ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥା ଦ୍ୱାରା ଡ୍ରାଇଭିଂ ଲାଇସେନ୍ସ ଆବେଦନକାରୀମାନେ ସହଜରେ ନିର୍ଭୁଲ ଭାବେ ନିଜ ଲାଇସେନ୍ସ ପାଇପାରିବେ ବୋଲି ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଅବସରରେ ପୂର୍ବତନ ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ କୁମାର ଦାସ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ପର୍ଶୁରାମ ସାହୁ, ଏମଭିଆଇ ଦଲାନୀ ସା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଏବଂ ପରିବହନ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନାବାଳିକାକୁ ଗଣଦୁଷ୍କର୍ମ

● ଜଣେ ଅଟକ, ଜଣେ ଫେରାର

**ଗୁରୁଣ୍ଡିଆ, ୩୧।୫(ସମିସ):** ଗୁରୁଣ୍ଡିଆ ବ୍ଲକ ତଥା ସଦର ଥାନା ଅନ୍ତର୍ଗତ କୁଣ୍ଡେଇଡିହା ଗ୍ରାମ ପତ୍ରାସାହିରେ ଘଟିଛି ଲଜ୍ଜାଜନକ ଘଟଣା। ଗୁରୁବାର ବିଳମ୍ବିତ ରାତିରେ ଜଣେ ୧୫ ବର୍ଷୀୟ ନାବାଳିକାଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ରାତିରେ ନାବାଳିକା ଜଣକ ପରିସ୍ରା କରିବା ପାଇଁ ବାହାରକୁ ଆସିଥିବାବେଳେ କୁଣ୍ଡେଇଡିହାର ସୁରେନ୍ଦ୍ର ଓରାମ (୧୮) ଓ ମାଙ୍କଡ଼ତୁଆର ରାଜେନ୍ଦ୍ର ଓରାମ (୨୨) ଜୋରଜବରଦସ୍ତ ତାଙ୍କୁ ଗାଁ ନିକଟ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲେ। ପରେ ନାବାଳିକାଙ୍କୁ ଜଙ୍ଗଲରେ ଛାଡ଼ି ଫେରାର ହୋଇଯାଇଥିଲେ। ନାବାଳିକା ଜଣକ କାନ୍ଦି କାନ୍ଦି ଘରକୁ ଆସି ସବୁକଥା କହିବାରୁ ପରିବାର ଲୋକେ ଗୁରୁଣ୍ଡିଆ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ରାଜେନ୍ଦ୍ରଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଅନ୍ୟ ପଟେ ସୁରେନ୍ଦ୍ର ଫେରାର ହୋଇଯାଇଛନ୍ତି। ଖୁବ୍‌ଶୀଘ୍ର ସେ ଧରାପଡ଼ିବେ ବୋଲି ଥାନା ଅଧିକାରୀ କହିଛନ୍ତି।

# ମଦ୍ୟପ ପୁଅକୁ ଟାଙ୍ଗିଆରେ ହାଣିଦେଲା ବାପ

ବଣାଇଁ, ୩୧।୫(ସମିସ): ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଖଣ୍ଡାଧାର ନିକଟ ବୁଢ଼ାଭୂଇଁ ଓରାମ ବସ୍ତିରେ ଘଟିଛି ଅଘଟଣ। ମଦ୍ୟପ ପୁଅର ଅତ୍ୟାଚାରରେ ଅତିଷ୍ଠ ହୋଇ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛି ବାପ। ସୂଚନା ଅନୁସାରେ ସବୁଦିନ ଭଳି ଗୁରୁବାର ରାତିରେ ବସ୍ତିର ଫ୍ରାନସିସ୍ ଓରାମ (୫୫)ଙ୍କ ପୁଅ ପାତ୍ରାସ ଓରାମ (୩୦) ମଦପିଇ ଘରକୁ ଆସିଥିଲେ। କୌଣସି କାରଣରୁ ବାପପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ପାତ୍ରାସ ବାରଣ୍ଡାରେ ଶୋଇଥିବା ବେଳେ ଫ୍ରାନସିସ୍ ଘରେ ଥିବା ଏକ ଟାଙ୍ଗିଆ ଆଣି ତାଙ୍କୁ ହାଣିଦେଇଥିଲେ। ସକାଳେ ଖବର ଜଣାପଡ଼ିବା ପରେ ଗାଁ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଫ୍ରାନସିସ୍‌ଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛି।

# କୃଷି ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସୁନ୍ଦରଗଡ଼, ୩୧।୫(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ କୃଷି ଅଧିକାରୀ ଉଦିତ କୁମାର ନାଏକ ଦୀର୍ଘ ୩୯ ବର୍ଷ ଧରି କୃଷି ବିଭାଗରେ ବିଭିନ୍ନ ପଦ ପଦବୀରେ ରହି ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଉଦିତ ଜଣେ ଦାୟିତ୍ୱ ସମ୍ପନ୍ନ ଅଧିକାରୀ ତଥା ଶାନ୍ତ, ସରଳ ଓ ମେଳାପି ବ୍ୟକ୍ତି ଅଟନ୍ତି। ପେସାରେ ସେ କୃଷି ଅଧିକାରୀ ହୋଇଥିଲେ ମଧ୍ୟ ଜଣେ ସମାଜସେବୀ, ପରୋପକାରୀ ତଥା ବହୁମୁଖୀ ପ୍ରତିଭାର ଅଧିକାରୀ ଅଟନ୍ତି। ଚାଷୀମାନଙ୍କ ସନ୍ତୁଷ୍ଟି ଲକ୍ଷ୍ୟ ନେଇ ସେ ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା, ବଣାଇଁ, ଗୁରୁଣ୍ଡିଆ, ବିଶ୍ରା, ଲେଫ୍ରିପଡ଼ା, ହେମଗିରି, ସବଡେଗା, ସଦର, ଟାଙ୍ଗରପାଲି ବ୍ଲକରେ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି। କୃଷି ସମ୍ପର୍କିତ ପୁସ୍ତକ ପୁସ୍ତିକା ଲେଖି ଚାଷୀମାନଙ୍କ ପାଖରେ କୃଷି ସୂଚନା ପହଞ୍ଚାଇବାର ପ୍ରୟାସ ଜାରି ରଖିଛନ୍ତି। ଆକାଶବାଣୀ, ଦୂରଦର୍ଶନର କୃଷି ସମ୍ପର୍କିତ ଆଲୋଚନା କାର୍ଯ୍ୟକ୍ରମରେଗୁଡ଼ିକରେ ସେ ଭାଗ ନେଇଛନ୍ତି। ରାୟଗଡ଼ା ଗୁଣୁପୁରରେ କୃଷି ସମ୍ବନ୍ଧୀୟ ଲେଖା ବିଭିନ୍ନ ଖବରକାଗଜରେ ପ୍ରକାଶିତ ହୋଇଛି। ଏଥିପାଇଁ ସେ ଜିଲ୍ଲା ଓ ରାଜ୍ୟ ସ୍ତରରେ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହେବା ସହ ଅନେକ ପ୍ରଶଂସାପତ୍ର ପାଇଛନ୍ତି। କେବଳ ସେତିକି ନୁହେଁ ବିଭିନ୍ନ ବିପଦ ଆପଦରେ ଚାଷୀମାନଙ୍କ ପାଖରେ ଠିଆହୋଇ ଆସିଛନ୍ତି। ଏତଦ୍ ବ୍ୟତୀତ ସେ ଜଣେ ସଂସ୍କୃତିପ୍ରେମୀ କଳାନୁରାଗୀ ଅଟନ୍ତି। ଏଭଳି ଜଣେ ବ୍ୟକ୍ତିତ୍ୱ ଭାବେ ପରିଚିତ ଉଦିତଙ୍କୁ କୃଷି କର୍ମଚାରୀ, କୃଷି ଅଧିକାରୀମାନେ ଭାବବିହ୍ୱଳ ହୋଇ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦେଇଛନ୍ତି।

## ଆର୍‌ଏସ୍‌ପିର ଏଫ୍‌ଏମ୍‌ଏମ୍ ବିଭାଗ

# ପୁରୁଣା ଭାରୀଯାନ ପରିବର୍ତ୍ତେ ନୂଆ ଗାଡ଼ିର ପ୍ରବର୍ତ୍ତନ

**ରାଉରକେଲା, ୩୧।୫(ସମିସ)**

ଆରଏସପିର ଫିଲ୍ଡ ମେସିନାରୀ ମେଣ୍ଟେନାନ୍ସ (ଏଫଏମଏମ) ବିଭାଗ ଦ୍ୱାରା ପୁରୁଣା ଭାରୀଯାନଗୁଡ଼ିକ ବଦଳରେ ନୂତନ ଗାଡ଼ିର ପ୍ରବର୍ତ୍ତନ କରାଯାଇଛି। ଏଫଏମଏମ ବିଭାଗ ଡୋଜର୍, ପେ ଲୋଡର୍, ହାଇଡ୍ରୋଲିକ୍ କ୍ରେନ୍, କ୍ରଲର୍ କ୍ରେନ୍, ଫର୍କଲିଫ୍ଟ, ଡି-ବ୍ରିକ୍ ମେସିନ୍, ସ୍କିଡ୍ ଲୋଡର ଭଳି ସମସ୍ତ ମୋବାଇଲ୍ ଭାରୀଯାନ ତଥା ଟ୍ରକ, ମିନି ଟ୍ରକ, ଟ୍ରାକ୍ଟର ଭଳି ଏକ୍ସକାଭେଟରର ରକ୍ଷଣାବେକ୍ଷଣର ଦାୟିତ୍ୱ ବହନ କରିଥାଏ। ତେବେ ଭାରତ ସରକାରଙ୍କ ଭେଇକିଲ୍ ସ୍କ୍ରାପେଜ୍ ପଲିସି ଅନୁଯାୟୀ ୧୫ ବର୍ଷରୁ ଅଧିକ ପୁରୁଣା ଯାନକୁ ବ୍ୟବସ୍ଥିତ ଭାବରେ ପ୍ରତିବଦଳ କରାଯାଇଛି। ଏହି ବଦଳ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଅଧୀନରେ କିଣାଯାଇଥିବା ନୂତନ ଯାନଗୁଡ଼ିକର ଏକ ସେଟ୍ ମଧ୍ୟରେ ପୂର୍ବର କ୍ୟାଟରପିଲର ପ୍ରଭେଦର ଟାୟାର ମାଉଣ୍ଟେଡ୍ ଡୋଜର୍, ଗୋଟିଏ ଟାୟାର ମାଉଣ୍ଟେଡ୍ ଡୋଜର, ୧୬ ଘନ ମିଟର କ୍ଷମତା ବିଶିଷ୍ଟ ୩ଟି ଟିପର୍ (ଗୋଟିଏ କୋକ୍ ଓଭେନ ପାଇଁ ଏବଂ ୨ଟି ଏଫଏମଏମ ପାଇଁ ଉଦ୍ଦିଷ୍ଟ), ୧୬ ଟନ କ୍ଷମତାର ୨ଟି ଟ୍ରକ୍ (ଗୋଟିଏ ଆରଏମଏଚପି ପାଇଁ ଏବଂ ଗୋଟିଏ କ୍ରେନ୍ ରକ୍ଷଣାବେକ୍ଷଣ ପାଇଁ), ସହର ଜଳ ଯୋଗାଣ ପାଇଁ ୯୦୦୦ ଲିଟର କ୍ଷମତା ବିଶିଷ୍ଟ ଗୋଟିଏ ୱାଟର ଟ୍ୟାଙ୍କର୍ ଏବଂ ୧.୫ ଟନ୍ କ୍ଷମତା ବିଶିଷ୍ଟ ୩ଟି ମିନି ଟ୍ରକ୍ (କାଲସାଇନିଂ ପ୍ଲାଣ୍ଟ ପାଇଁ ଗୋଟିଏ ଏବଂ ଏଫଏମଏମ ପାଇଁ ଦୁଇଟି) ସାମିଲ କରାଯାଇଛି। ଆଗାମୀ ଉତ୍ପାଦନ ଲକ୍ଷ୍ୟ ହାସଲ ପାଇଁ ଉତ୍ପାଦନ ୟୁନିଟ୍‌ଗୁଡ଼ିକରେ ନିରବଚ୍ଛିନ୍ନ ସେବା ସୁନିଶ୍ଚିତ କରିବାକୁ ଅତ୍ୟାଧୁନିକ ବୈଶିଷ୍ଟ୍ୟତା ଯୁକ୍ତ ଏହି ନୂତନ ଯାନଗୁଡ଼ିକୁ ପ୍ରତ୍ୟେକକୁ ସର୍ବନିମ୍ନ ସମ୍ଭାବ୍ୟ ଦୁଇ ମାସର ଅବଧି ମଧ୍ୟରେ କ୍ରୟ କରାଯାଇଛି।




ଏହି ପରିପ୍ରେକ୍ଷୀରେ ଏଫଏମଏମ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପରିବହନ ଏବଂ ଏଫଏମଏମ ବିଭାଗ ଜିଏମ ଇନ-ଚାର୍ଜ ଅବକାଶ ମଲ୍ଲିକ ଏହି ନୂତନ ଯାନ ସମୂହକୁ ଉଦଘାଟନ କରି ଏହାକୁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରିଥିଲେ ଯାହା ପାଇଁ ଏହା କ୍ରୟ କରାଯାଇଛି। ଏହି ଅବସରରେ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଫଏମ୍‌ଏମ୍ ବିଭାଗ ଡିଜିଏମ୍ ପ୍ରୀତମ ଏମ ମିଞ୍ଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅଂଶୁଘାତରେ ମହିଳାଙ୍କ ମୃତ୍ୟୁ !

**ସୁନ୍ଦରଗଡ଼, ୩୧।୫(ସମିସ):** ଶୁକ୍ରବାର ଅପରାହ୍ନରେ ଧରୁଆଡିହି ଥାନା ଅନ୍ତର୍ଗତ କେନ୍ଦମାଳ ଗ୍ରାମର ଜଣେ ମହିଳାଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଅପରାହ୍ନ ୪ଟାରେ ଗ୍ରାମର ସଞ୍ଜୀବ ଟପ୍ପୋଙ୍କ ସ୍ତ୍ରୀ ସୁମନ୍ତି ଟପ୍ପୋ (୪୨) ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାତି ୮ଟାରେ ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଶାବାଗାରରେ ସଂରକ୍ଷିତ ରଖାଇଛି। ଶନିବାର ବ୍ୟବଚ୍ଛେଦ ହେବ ବୋଲି ପୁଲିସ କହିଛି।



## ରାଉରକେଲାରେ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟା ୧୯କୁ ବୃଦ୍ଧି ଅଭିଯୋଗ

# ଜିଲ୍ଲାପାଳ କହିଲେ ୪, ଅନ୍ୟମାନଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ

**ରାଉରକେଲା, ୩୧।୫(ସମିସ)**

ରାଉରକେଲାରେ ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ ସଂଖ୍ୟା ଗୁରୁବାର ୧୦ ରହିଥିବା ବେଳେ ଶୁକ୍ରବାର ଏହା ୧୯କୁ ବୃଦ୍ଧି ପାଇଛି। ତେବେ ସରକାରୀ ଭାବେ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟା ୪ କୁହାଯାଇଛି। ଏ ନେଇ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ପରାଗ ହର୍ଷଦ ଗାଭାଲି କହିଛନ୍ତି ଯେ ଅଂଶୁଘାତରେ ରାଉରକେଲାରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଅନ୍ୟ ଯେଉଁମାନଙ୍କୁ ଜଣଙ୍କୁ ମୃତ ଘୋଷଣା କରାଯାଇଛି ସେମାନଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଶୁକ୍ରବାର ୮ ଜଣଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରେ ଅଂଶୁଘାତରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ନେଇ ଜିଲ୍ଲାପାଳ କହିଛନ୍ତି ଯେ ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ। ଏହି ଘଟଣାର ତଦନ୍ତ ପାଇଁ ଜଣେ ରାଜସ୍ୱ ଅଧିକାରୀ ଓ ଜଣେ ଡାକ୍ତରଙ୍କୁ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି।





ବର୍ତ୍ତମାନ ଏଠାରେ ତାପମାତ୍ରା ୪୩ରୁ ୪୬ ଡିଗ୍ରୀ ସେଲସିୟସ ମଧ୍ୟରେ ରହୁଛି। ଏହାକୁ ନେଇ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଏଭଳି ପରିସ୍ଥିତିକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇ ଗାଇଡଲାଇନ ପାଳନ କରିବାକୁ ଅନୁରୋଧ କରାଯାଇଛି। ଅପରପକ୍ଷେ ଏବେ ବି ଆର୍‌ଜିଏଚ୍‌ରେ ୨୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଆଉ କେତେଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଗତ ଏକ ସପ୍ତାହ ହେବ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ତେବେ ଗତ ଦୁଇଦିନ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଲୋକ ଅସୁସ୍ଥ ଅନୁଭବ କରିବାରୁ ଆର୍‌ଜିଏଚ୍‌ରେ ଭର୍ତ୍ତି ହୋଇଥିଲେ। ସେଥିରୁ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ହାଇଟେକ୍ ମେଡିକାଲ୍ କଲେଜ ଓ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

ଅପରପକ୍ଷେ ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏ ଦିନରେ ଅଂଶୁଘାତରେ ୨୪ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ରାଉରକେଲାରେ ୧୯ ଜଣ, ବନ୍ଧମୁଣ୍ଡାରେ ଜଣେ ଏବଂ ସୁନ୍ଦରଗଡ଼ରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଗୁରୁବାର ଅପରାହ୍ନ ଦେଢ଼ଟାରେ ପ୍ରଥମ ମୃତ ବ୍ୟକ୍ତିଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ଅଣାଯାଇଥିଲା। ତାଙ୍କ ଶରୀର ତାପମାତ୍ରା ୧୦୪ ଡିଗ୍ରୀ ଫାରେନହାଇଟ୍ ଥିଲା। ପରେ ଜଣକ ପରେ ଜଣେ ସମାନ ରୋଗୀ ଆରଜିଏଚ୍ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ମୃତ ଅବସ୍ଥାରେ ଅଣାଯାଇଥିଲା। ଖବର ପାଇ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ସରକାରୀ ହସ୍ପିଟାଲରେ ପହଞ୍ଚି ଚିକିତ୍ସାଧୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ।

- ୨୦ରୁ ଊର୍ଦ୍ଧ୍ୱ ଚିକିତ୍ସାଧୀନ
- ଯାଞ୍ଚ ପାଇଁ ସ୍ୱତନ୍ତ୍ର ଟିମ୍ ଗଠିତ

ଏହି କ୍ରମରେ ଡାକ୍ତରଖାନା ଯିବା ରାସ୍ତାରେ ବା ପହଞ୍ଚିବା ପୂର୍ବରୁ ସେକ୍ଟର-୨ ଆଜାଦ ବସ୍ତିର ୫୦ ବର୍ଷୀୟ ବ୍ୟକ୍ତି, ମଧୁସୂଦନପାଲିର ରଞ୍ଜିତ ସାହୁ (୨୩), ଛେଣ୍ଡର ମଞ୍ଜୁ ବାର୍ଲା (୩୮), ହାତୀବାରିର ମୁନି କୁମ୍ଭାର (୫୪), ଜଲଦା ଏ ବ୍ଲକର ଫୁଲମଣି ବଡ଼ାଇକ (୩୦), ଜଲଦା ସି ବ୍ଲକର ମଙ୍ଗଳା ସମାସି (୬୯), ଝିରପାଣିର ବିଚା ମାହାଲି (୪୦), ରେଲୱେ କଲୋନୀର ୭୦ ବର୍ଷୀୟା ବୃଦ୍ଧା, ଗର୍ଜନ ଡୁମରନ ଗ୍ରାମର ସାବିତ୍ରୀ ଗୌଡ଼ (୪୦)ଙ୍କ ମୃତ୍ୟୁ ହୋଇଛି। ସେହିପରି ଚିକିତ୍ସାଧୀନ ଅବସ୍ଥାରେ ଝାରତରଙ୍ଗର ଗଣେଶ ତନ୍ତି (୩୭), କୁଆର ପ୍ରେମଲତା ଏକ୍କା (୬୦) ଓ ପ୍ଲାଣ୍ଟସାଇଟର ଇନ୍ଦ୍ର ଛୁରା (୬୦)ଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ହାଇଟେକ ମେଡିକାଲରେ ଚିକିତ୍ସାଧୀନ ୧୦ ଜଣଙ୍କ ମଧ୍ୟରୁ ଶୁକ୍ରବାର ୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେମାନେ ହେଲେ ଏତୁଆ କେରକେଟା (୬୧)। ମାଥୁ କାଣ୍ଡି (୬୨) ଏବଂ ବାଙ୍ଗରି ଖଡ଼ିଆ (୫୨)। ସେହିପରି ଆର୍‌ଜିଏଚ୍‌ରେ ଚିକିତ୍ସିତ ହେଉଥିବା ୪ ଜଣଙ୍କର ଶୁକ୍ରବାର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ତେବେ ମୃତ୍ୟୁର କାରଣ ଅଂଶୁଘାତଜନିତ କି ଅନ୍ୟ କିଛି ତାହା ବ୍ୟବଚ୍ଛେଦ ରିପୋର୍ଟ ପରେ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ସମସ୍ତ ମୃତକଙ୍କ ଖରା ଯୋଗୁଁ ମୃତ୍ୟୁ ହୋଇଥିବା କୁହାଯାଉଛି। ଘଟଣାକୁ ନେଇ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି କହିଛନ୍ତି, ଗୁରୁବାର ଓ ଶୁକ୍ରବାର ଦୁଇ ଦିନରେ ୪ ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଛି। ସରକାରୀ ଡାକ୍ତରଖାନାରେ ୨୩ ଜଣ ରୋଗୀ ଚିକିତ୍ସାଧୀନ ଥିବା ବେଳେ ସେଥିରୁ ୧୦ ଜଣଙ୍କୁ ଅଧିକ ଚିକିତ୍ସା ଲାଗି ହାଇଟେକ୍ ମେଡିକାଲ୍ ପଠାଯାଇଛି। ସରକାରୀ ଡାକ୍ତରଖାନାରେ ଯେଉଁ ସବୁ ୱାର୍ଡରେ ରୋଗୀ ଅଛନ୍ତି ସେଠାରେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ରୁମ୍ କିଭଳି ଅଧିକ ଥଣ୍ଡା ରଖିହେବ, ସମସ୍ତ ଚିକିତ୍ସା ଦିଗ ସମେତ ଅନ୍ୟ ଦିଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶୁକ୍ରବାର ୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଶେଷକରି ରାଉରକେଲା ଆଖପାଖ ଅଞ୍ଚଳର ରୋଗୀ ଭର୍ତ୍ତି ହୋଇଛନ୍ତି। ଝାଡ଼ଖଣ୍ଡ ରୋଗୀ ମଧ୍ୟ ସେଥିରେ ଅଛନ୍ତି। ଅଂଶୁଘାତ ନେଇ ଲୋକେ ଭୟଭୀତ ନ ହେବାକୁ କହି ଜାରି ହୋଇଥିବା ଗାଇଡଲାଇନ ପାଳନ କରିବାକୁ ସେ ଅନୁରୋଧ କରିଛନ୍ତି।

## ପ୍ରଚଣ୍ଡ ତାତି ସାଙ୍ଗକୁ ଅସହ୍ୟ ଗୁଳୁଗୁଳି

**ରାଜଗାଙ୍ଗପୁର, ୩୧।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ସହରରେ ପ୍ରଚଣ୍ଡ ତାତି ସହ ବାୟୁମଣ୍ଡଳରେ ଆର୍ଦ୍ରତା ବୃଦ୍ଧି ଯୋଗୁଁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସହରର ତାପମାତ୍ରା ୪୫ ଡିଗ୍ରୀ ଛୁଇଁଥିବା ଜଣାପଡ଼ିଛି। ଗୋଟିଏ ପଟେ ଖରା ଗୁଳୁଗୁଳି ବୃଦ୍ଧି ପାଇଥିବା ବେଳେ ଘନ ଘନ ବିଦ୍ୟୁତ କାଟ ଜନସାଧାରଣଙ୍କୁ ଅସହ୍ୟ ଯନ୍ତ୍ରଣା ଦେଉଛି। ପ୍ରଚଣ୍ଡ ଖରା ଯୋଗୁଁ ଦିନ ୧୧ଟାରୁ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। ଜରୁରୀ କାର୍ଯ୍ୟ ନ ଥିଲେ ଲୋକେ ପଦାକୁ ବାହାରୁ ନ ଥିବା ବେଳେ ଦିନ ମଜୁରିଆ ଭାବେ କାମକରି ପରିବାର ପ୍ରତିପୋଷଣ କରୁଥିବା ଶ୍ରମିକ ବହୁ ହଇରାଣ ହରକତ ହେଉଛନ୍ତି।

## ଓମସିଷ୍ଟ ଓ ଗାୟତ୍ରୀ ବିଜ୍ଞାନ କଲେଜର ସଫଳତା

**ରାଜଗାଙ୍ଗପୁର, ୩୧।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରସ୍ଥିତ ଓଁ ମା' ସରସ୍ୱତୀ ଏଜୁକେସନାଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଓମସିଷ୍ଟ ଓ ଗାୟତ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଯୁକ୍ତ ଦୁଇ ପରୀକ୍ଷା ଭଲ ପ୍ରଦର୍ଶନ କରିଛନ୍ତି। ଯୁକ୍ତ ୨ ପରୀକ୍ଷାରେ ଦୁଇ ଅନୁଷ୍ଠାନର ଫଳ ଶତପ୍ରତିଶତ ହୋଇଛି। ଓମସିଷ୍ଟର ୧୦୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୯ ଜଣ ପ୍ରଥମ ଶ୍ରେଣୀ, ୫୦ଜଣ ଦ୍ୱିତୀୟ ଶ୍ରେଣୀ ଓ ୧୪ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଗାୟତ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଟ୍ରଷ୍ଟ ଦ୍ୱାରା ପରିଚାଳିତ ଗାୟତ୍ରୀ ସାଇନ୍ସ ଓ କମର୍ସ ମହାବିଦ୍ୟାଳୟ (+୩) ଶେଷ ବର୍ଷ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷାରେ ଭିନ୍ନ ଭିନ୍ନ ବିଷୟରେ ପ୍ରଥମ ୧୦ ସ୍ଥାନ ମଧ୍ୟରୁ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏକାଧିକ ସ୍ଥାନ ଅଧିକାର କରି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ସ୍ତରରେ ଜିଓଲୋଜିରେ ପ୍ରଥମ, ତୃତୀୟ ଓ ପଞ୍ଚମ ସ୍ଥାନ ଅଧିକାର କରିଥିବା ବେଳେ କମ୍ପ୍ୟୁଟର ବିଜ୍ଞାନରେ ତୃତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଣିଜ୍ୟରେ ମଧ୍ୟ ଶ୍ରେଷ୍ଠତ୍ୱ ହାସଲ କରିଛନ୍ତି। ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ତଥା ଉଭୟ ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଏହି ସଫଳତା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଅଂଶୁଘାତ ମୃତ୍ୟୁକୁ ନେଇ ଦିଲୀପ ରାୟଙ୍କ ଉଦ୍‌ବେଗ

**ରାଉରକେଲା, ୩୧।୫(ସମିସ):** ରାଉରକେଲା ସରକାରୀ ଡାକ୍ତରଖାନାରେ ଅତ୍ୟନ୍ତ ଅସ୍ୱାଭାବିକ ଭାବେ ଅଂଶୁଘାତ ଯୋଗୁଁ ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାରୁ ରାଉରକେଲା ବିଧାନସଭା ବିଜେପି ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏଭଳି ଅସ୍ୱାଭାବିକ ଘଟଣା ବାସ୍ତବରେ ହୃଦୟ ବିଦାରକ। ମୃତକଙ୍କ ପରିବାରକୁ ସେ ସମବେଦନା ଜଣାଇବା ସହ ସେମାନଙ୍କୁ ଅସୀମ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରିବାକୁ କାମନା କରିଛନ୍ତି।

ଏଥିସହ ଘଟଣା ସଂକ୍ରାନ୍ତରେ ସେ ରାଉରକେଲା ସରକାରୀ ଡାକ୍ତରଖାନାର ଭାରପ୍ରାପ୍ତ ଅଧୀକ୍ଷକ ଡା. ସୁଧାରାଣୀ ପ୍ରଧାନଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ସମ୍ପ୍ରତି ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ତତ୍କାଳ ରୋଗୀମାନଙ୍କୁ ସେବା ଯୋଗାଇଦେବା ନିମନ୍ତେ ଡାକ୍ତରଖାନା କର୍ମଚାରୀ, ନର୍ସ ଓ ଡାକ୍ତରଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ରୋଗୀମାନେ କିଭଳି ଉତ୍ତମ ମାନର ଚିକିତ୍ସା ସେବା ପାଇପାରିବେ ସେ ଦିଗରେ ହସ୍ପିଟାଲ କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ସେ ହସ୍ପିଟାଲ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବି

**ରାଉରକେଲା, ୩୧।୫(ସମିସ):** ଅଂଶୁଘାତରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ ପାଇଁ ରାଉରକେଲା ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ରନାଥ ପଟ୍ଟନାୟକ ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପନ କରିଛନ୍ତି। ସେ ଏକ ବିବୃତିରେ କହିଛନ୍ତି ଯେ ରାଉରକେଲା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଗତ ୨ ଦିନ ମଧ୍ୟରେ ୧୯ରୁ ଅଧିକ ବ୍ୟକ୍ତି ମୃତ୍ୟୁବରଣ କରିଲେଣି। ଅନେକ ବ୍ୟକ୍ତି ଆକ୍ରାନ୍ତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସାରା ରାଜ୍ୟରେ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ବଢ଼ି ଚାଲିଥିବା ବେଳେ ଏହାର ପ୍ରଭାବ ରାଉରକେଲା ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସାଂଘାତିକ ହୋଇଛି। ସିଏଚସି ଓ ପିଏଚସିଗୁଡ଼ିକରେ ଉପଯୁକ୍ତ ଅଂଶୁଘାତ ୱାର୍ଡ କାର୍ଯ୍ୟକାରୀ କରିବା ସହ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରରେ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହା ଦ୍ୱାରା ଅଂଶୁଘାତଜନିତ ଚିକିତ୍ସା ପାଇଁ ଆରଜିଏଚକୁ ଆସିବା ବାଟରେ ଅନେକ ରୋଗୀଙ୍କ ମୃତ୍ୟୁ ହୋଇଛି। ଆରଜିଏଚ ଅଂଶୁଘାତ ୱାର୍ଡରେ ମାତ୍ର ୯ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ରହିଛି। ସେହିପରି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ କାମ ନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲେ ମଧ୍ୟ ଶ୍ରମ ବିଭାଗ ଅଧିକାରୀମାନେ ଏହାକୁ ଗୁରୁତ୍ୱ ଦେଇ ନ ଥିବାରୁ ଠିକାଦାରମାନେ ଶ୍ରମିକମାନଙ୍କୁ ଭୀଷଣ ଖରାରେ ମନଇଚ୍ଛା କାମ କରାଉଥିବା ଦେଖିବାକୁ ମିଳିଛି। ତେଣୁ ପ୍ରଶାସନର ଅବହେଳା ପାଇଁ ଅଂଶୁଘାତରେ ପ୍ରାଣ ହରାଇଥିବା ମୃତକ ପରିବାରକୁ ତୁରନ୍ତ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ପଟ୍ଟନାୟକ ଦାବି କରିଛନ୍ତି। ସିଏଚସି, ପିଏଚସିଗୁଡ଼ିକରେ ଅଂଶୁଘାତ ୱାର୍ଡରେ କିପରି ଅଧିକ ବ୍ୟକ୍ତି ଚିକିତ୍ସା ସୁବିଧା ପାଇବେ ସେଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେ ଦାବି କରିଛନ୍ତି। ଏ ନେଇ କଂଗ୍ରେସର ଏକ ପ୍ରତିନିଧି ଦଳ ଆରଜିଏଚରେ ପହଞ୍ଚି ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଆଲୋଚନା କରିଛନ୍ତି।




## ବିନା ସୂଚନା ଫଳକରେ କୋଟି କୋଟି ଟଙ୍କାର କାର୍ଯ୍ୟ



**ରାଜଗାଙ୍ଗପୁର, ୩୧।୫(ସମିସ):** କାର୍ଯ୍ୟରେ ସ୍ୱଚ୍ଛତା ପାଇଁ ସରକାର ସମସ୍ତ ଉନ୍ନୟନ ପ୍ରକଳ୍ପରେ ସୂଚନା ଫଳକ ବାଧ୍ୟତାମୂଳକ କରିଛନ୍ତି। ତେବେ ଦୁର୍ନୀତି କରିବା ପାଇଁ ଅନେକ ଉନ୍ନୟନ କାମରେ ସୂଚନା ଫଳକ ଲଗାଯାଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ଏକ ଘଟଣା ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ପୌରପାଳିକା ୱାର୍ଡ ନମ୍ବର ୭ କୁଣ୍ଡୁପଡ଼ାରେ ଦେଖିବାକୁ ମିଳିଛି। ଏହି ୱାର୍ଡରେ ମୋ ପୋଖରୀ ଯୋଜନାରେ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ହେଲେ ଏଠି ସରକାରୀ ନିୟମର ଖୋଲାଖୋଲି ଉଲ୍ଲଙ୍ଘନ ହୋଇଛି। କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗିନି। କେଉଁ ବିଭାଗର କାର୍ଯ୍ୟ, କେତେ ଟଙ୍କା ଅଟକଳ ମୂଲ୍ୟ, କେଉଁ ପାଣ୍ଠିରୁ ହେଉଛି, କାମ କେବେ ଆରମ୍ଭ ହୋଇ କେବେ ସରିବ, ଠିକାଦାର କିଏ, ପଖୋରୀର ପରିସୀମା କେତେ ଆଦି ବହୁ ତଥ୍ୟ ଲୋକଙ୍କୁ ଜଣାଇବା ସରକାରୀ ନିୟମ ରହିଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ଏହି ସବୁ ତଥ୍ୟକୁ ଲୁକ୍କାୟିତ ରଖି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଫଳରେ କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଜରୁରୀକାଳୀନ ପରିସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

## ଅଂଶୁଘାତଜନିତ ମାର୍ଗଦର୍ଶିକା ପାଳନ କରନ୍ତୁ କାରଖାନା କର୍ତ୍ତୃପକ୍ଷ

**ରାଉରକେଲା, ୩୧।୫(ସମିସ)**

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଅଂଶୁଘାତ ଆଶଙ୍କାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଜରୁରୀକାଳୀନ ପରିସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ପରାଗ ହର୍ଷଦ ଗାଭାଲି ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ମଣିଷ ଶରୀରରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ଅଂଶୁଘାତରେ ଜୀବନ ହାନି ହେବା ସହ ଗୃହପାଳିତ ପଶୁ, ଚାଷବାସ ଉପରେ ପଡୁଥିବା କୁପ୍ରଭାବକୁ ନଜରରେ ରଖି ଏହାର ସଠିକ ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଦିନ ମଜୁରିଆ, ଠିକା ଶ୍ରମିକମାନଙ୍କ ଜୀବନ ସୁରକ୍ଷା ପାଇଁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଭିନ୍ନ ଘରୋଇ ଠିକାସଂସ୍ଥା ତଥା ଖଣିଖାଦାନ, କଳକାରଖାନାରେ କାମ ବନ୍ଦ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କର୍ଯ୍ୟସ୍ଥଳରେ ପାନୀୟ ଜଳ, ପର୍ଯ୍ୟାପ୍ତ ଓଆରଏସ ଏବଂ ଆଶୁ ଚିକିତ୍ସା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରମ ଅଧିକାରୀ ଏହାର ତଦାରଖ କରିବା ପାଇଁ କୁହାଯାଇଛି।

ଜିଲ୍ଲାର ସମସ୍ତ ବିଡିଓ ଏବଂ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ଜଳ ସଙ୍କଟ ଦେଖାଦେଉଥିବା ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବା ସହ ସେଠାରେ ଅଗ୍ରିମ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା କରିବା, ସବୁ ନଳକୂପଗୁଡ଼ିକୁ ମରାମତି କରିବା ଏବଂ ହସ୍ପିଟାଲ, ବସଷ୍ଟାଣ୍ଡ, ବଜାର ଭଳି ସର୍ବସାଧାରଣ ସ୍ଥାନରେ ଜଳସେବା କେନ୍ଦ୍ର ଖୋଲି ଓଆରଏସ ପାକେଟ ଏବଂ ଆଶୁ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମଋତୁରେ ଲୋକଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇବା ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଔଷଧ ସହ ଆବଶ୍ୟକ ସୁବିଧା କରିବା ଲାଗି ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଲୋକଙ୍କ ଯାତାୟାତ ସୁବିଧା ନିମନ୍ତେ ସମସ୍ତ ଯାନବାହନରେ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ରଖିବା, ବସିବା କ୍ଷମତା ଅନୁଯାୟୀ ଯାତ୍ରୀଙ୍କୁ ନେବା, ଗାଡ଼ିକୁ ଗୋଟିଏ ସ୍ଥାନରେ ଅଧିକ ସମୟ ନ ରଖିବା ସହ ଗ୍ରୀଷ୍ମ ପ୍ରବାହରେ ଯାତ୍ରୀମାନେ ଅବଲମ୍ବନ କରିବାକୁ ଥିବା ସତର୍କତା ବିଷୟରେ ସଚେତନ କରିବା ପାଇଁ ପରିବହନ ବିଭାଗ କାର୍ଯ୍ୟ କରୁଛି।

ଏତଦବ୍ୟତୀତ ଗ୍ରାମାଞ୍ଚଳର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପରିମାଣରେ ପାନୀୟଜଳ, ଓଆରଏସ ଏବଂ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇବା ସହ ଶିଶୁ, ପାଞ୍ଚ ବର୍ଷରୁ କମ୍ ବୟସ୍କ ପିଲା ଓ ଗର୍ଭବତୀ ମହିଳାଙ୍କୁ ଡିହାଇଡ୍ରେସନ୍‌ରୁ ରକ୍ଷା କରିବା ପାଇଁ ଆଶା, ଅଙ୍ଗନବାଡ଼ି କର୍ମୀଙ୍କ ଜରିଆରେ ସଚେତନ କରାଯାଇଛି। ବଜାରରେ ବୁଲୁଥିବା କୁକୁର, ଗାଈ ଆଦି ଗୃହପାଳିତ ପଶୁଙ୍କୁ ଖାଦ୍ୟ ଏବଂ ଜଳ ଯୋଗାଣ ନିମନ୍ତେ ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗ ଦ୍ୱାରା ଲୋକଙ୍କୁ ସଚେତନ କରାଯାଇଛି। ଗ୍ରୀଷ୍ମ ପ୍ରବାହର ଜରୁରୀ ପରିସ୍ଥିତିରେ ଲୋକଙ୍କୁ ସହାୟତା ଦେବା ଲାଗି ଅଗ୍ନିଶମ ବିଭାଗ ସଜାଗ ରହିଥିବା ବେଳେ ନିରନ୍ତର ବିଦ୍ୟୁତ ଯୋଗାଣ ନିମନ୍ତେ ଟିପିଡବ୍ଲ୍ୟୁଓଡିଏଲ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆଦେଶ ଦିଆଯାଇଛି।

## ଅଂଶୁଘାତ ମୃତ୍ୟୁ ନେଇ ଓକିଲ ସଂଘର ଉଦ୍‌ବେଗ

**ରାଉରକେଲା, ୩୧।୫(ସମିସ):** ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ଗତ ୪ ଦିନ ଧରି ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଗୁରୁବାର ୧୦ରୁ ୧୫ ଜଣଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ରାଉରକେଲା ଓଡ଼ିଶାର ଦ୍ୱିତୀୟ ସ୍ମାର୍ଟ ସିଟି। ଏଠାରେ ଅଂଶୁଘାତ ମୃତ୍ୟୁ ହେବା ଘଟଣା ସ୍ୱାସ୍ଥ୍ୟସେବା ପ୍ରତି ଚରମ ଉଦାସୀନତାର ପରିଚୟ ଛଡ଼ା ଆଉ କିଛି ନୁହେଁ ବୋଲି ରାଉରକେଲା ଓକିଲ ସଂଘ ପକ୍ଷରୁ କୁହାଯିବା ସହ ଏ ନେଇ ଘୋର ଉଦବେଗ ପ୍ରକାଶ କରିଛି। ଓକିଲ ସଂଘର ଏକ ପ୍ରତନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିଲା ବେଳେ କିପରି ସାଧାରଣ ଲୋକେ ଅଂଶୁଘାତର ଶିକାର ନ ହେବେ ସେଥିପାଇଁ ତୁରନ୍ତ ପଦକ୍ଷେପ ନେବା ସହ ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା, ଗ୍ରୀଷ୍ମପ୍ରବାହ ସମୟରେ ଶ୍ରମିକମାନଙ୍କୁ କାର୍ଯ୍ୟରୁ ବିରତ ରଖିବା, ଯେଉଁମାନେ ଶ୍ରମିକମାନଙ୍କୁ କାମରେ ଲଗାଉଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଗ୍ରାମାଞ୍ଚଳରେ ଅଧିକ ଚିକିତ୍ସା କେନ୍ଦ୍ର ଓ ଡାକ୍ତର ନିୟୋଜନ କରିବା, ବ୍ୟାପକ ଓଆରଏସ ବ୍ୟବସ୍ଥା, ଆର୍‌ଜିଏଚ୍‌ରେ ଅଂଶୁଘାତ ଚିକିତ୍ସା ପାଇଁ ବ୍ୟାପକ ବ୍ୟବସ୍ଥା କରିବା ସହ ଅଂଶୁଘାତରେ ମୃତକଙ୍କ ପରିବାରକୁ ସରକାର ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ଓକିଲ ସଂଘ ସଭାପତି ସଦାନନ୍ଦ ସାହୁ, ଉପ ସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଦେବାନନ୍ଦ ତନ୍ତୀ, ସଦସ୍ୟ ପବିତ୍ର ଜେନା, ଅରୁଣ କୁଶଳ, ତାପସ ପରିଡ଼ା, ବିଜୟ ରାମଦାସ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ।



## ଆଜି ଭୋଟ୍

# ୫୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧୨ ଲକ୍ଷ ୭୧ ହଜାର ୪୯୪ ଭୋଟର













## ଶତପ୍ରତିଶତ ଭୋଟ୍ ପାଇଁ ନିବେଦନ, ଶାନ୍ତିପୂର୍ଣ୍ଣ ନିର୍ବାଚନ ନିମନ୍ତେ ଆହ୍ୱାନ



















**କେନ୍ଦ୍ରାପଡ଼ା, ୩୧।୫(ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲାର ୫ ନିର୍ବାଚନମଣ୍ଡଳୀର ୧୨ ଲକ୍ଷ ୭୧ ହଜାର ୪୯୪ ଭୋଟର ୫୦ ପ୍ରାର୍ଥୀଙ୍କ ଆଜି ଭାଗ୍ୟ ନିର୍ଦ୍ଧାରଣ କରିବେ। ୪୦ ବିଧାନସଭା ପ୍ରାର୍ଥୀ ରହିଥିବାବେଳେ ୧୦ ସାଂସଦ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ମଧ୍ୟରେ ରହିବ। ଆସନ୍ତା ୪ ତାରିଖ ଦିନ କାହା ମୁଣ୍ଡରେ ହାତୀ ସୁନା କଳସ ଢ଼ାଳିବ ତାହା ଜଣାପଡ଼ିବ।

ଜିଲ୍ଲାର ୫ ନିର୍ବାଚନମଣ୍ଡଳୀ ମଧ୍ୟରୁ ପାଟକୁରାରେ ୨ ଲକ୍ଷ ୫୧ ହଜାର ୫୪୮ ଭୋଟର ରହିଛନ୍ତି। ସେଥିରୁ ୧ ଲକ୍ଷ ୨୯ ହଜାର ୭୧୬ ପୁରୁଷ ରହିଥିବାବେଳେ ୧ ଲକ୍ଷ ୨୧ ହଜାର ୮୨୪ ଜଣ ମହିଳା ଭୋଟର ରହିଛନ୍ତି। ଏହାଛଡ଼ା ୮ କିନ୍ନର ଭୋଟର ରହିଥିବା ସୂଚନା ମିଳିଛି। ସେହିଭଳି କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୨୯ ହଜାର ୭୧୦ ଭୋଟର ରହିଥିବାବେଳେ ୧ ଲକ୍ଷ ୧୮ ହଜାର ୪୫୩ ପୁରୁଷ ଭୋଟର ରହିଛନ୍ତି। ୧ ଲକ୍ଷ ୧୧ ହଜାର ୨୪୮ ମହିଳା ଭୋଟର ରହିଥିବାବେଳେ ୯ ଜଣ କିନ୍ନର ଭୋଟର ଅଛନ୍ତି। ଆଳି ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୭୪ ହଜାର ୭୯୬ ଭୋଟର ଅଛନ୍ତି। ସେଥିରୁ ୧ ଲକ୍ଷ ୪୨ ହଜାର ୫୭୭ ପୁରୁଷ ଭୋଟର ରହିଥିବାବେଳେ ୧ ଲକ୍ଷ ୩୨ ହଜାର ୧୯୭ ମହିଳା ଭୋଟର ଅଛନ୍ତି। ଏହାଛଡ଼ା ୨୨ କିନ୍ନର ଭୋଟ ମଧ୍ୟ ରହିଛି। ରାଜନଗର ନିର୍ବାଚନମଣ୍ଡଳୀର ୨ ଲକ୍ଷ ୬୨ ହଜାର ୧୮୧ ଭୋଟର ଥିବାବେଳେ ୧ ଲକ୍ଷ ୩୬ ହଜାର ୨୫୦ ପୁରୁଷ ରହିଥିବା ବେଳେ ୧ ଲକ୍ଷ ୨୫ ହଜାର ୯୨୩ ମହିଳା ଭୋଟର ଅଛନ୍ତି। ତା'ଛଡ଼ା ୮ କିନ୍ନରଙ୍କ ଭୋଟ ମଧ୍ୟ ଏହି ନିର୍ବାଚନ ମଣ୍ଡଳୀରେ ଅଛନ୍ତି। ମହାକାଳପଡ଼ାରେ ସମୁଦାୟ ୨ ଲକ୍ଷ ୫୩ ହଜାର ୨୫୯ ଭୋଟର ଥିବାବେଳେ ୧ ଲକ୍ଷ ୩୨ ହଜାର ୫୫୮ ପୁରୁଷ, ୧ ଲକ୍ଷ ୨୦ ହଜାର ୬୯୭ ମହିଳା ଓ ୪ କିନ୍ନରଙ୍କ ଭୋଟ ଅଛନ୍ତି।

ଏହି ଗଣତନ୍ତ୍ର ମହାପର୍ବରେ ସାମିଲ ହୋଇ ଶତପ୍ରତିଶତ ଭୋଟଦାନ କରିବାକୁ କେନ୍ଦ୍ରପଡ଼ା ଜିଲ୍ଲାର ସମସ୍ତ ମତଦାତାଙ୍କୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନିବେଦନ ଜଣାଇଛନ୍ତି। ତା'ସହ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ଲଢୁଥିବା ୧୦ ଜଣ ସାଂସଦ ପ୍ରାର୍ଥୀ ଓ ୪୦ ଜଣ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର। ମତଦାତାଙ୍କ ପାଇଁ ସଜାଇ ହୋଇ ରହିଛି ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନ କ୍ଷେତ୍ରର ୧୪୪୫ଟି ମତଦାନ କେନ୍ଦ୍ର। ପାନୀୟ ଜଳ, ସୁଲଭ ଶୌଚାଳୟ, ବିଶ୍ରାମ ସ୍ଥାନ, ଆଲୋକୀକରଣ ବ୍ୟବସ୍ଥା, ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ, ଓଆର୍‌ଏସ୍ ପ୍ୟାକେଟ୍, ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡି, ଦିବ୍ୟାଙ୍ଗ ଲୋକଙ୍କ ପାଇଁ ସକ୍ଷମ ବାହାନ ଆଦି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛି ଜିଲ୍ଲା ପ୍ରଶାସନ।

ଆଜି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଷ୍ଟ୍ରଙ୍ଗ୍ ରୁମ୍‌ରୁ ଇଭିଏମ୍‌ଗୁଡ଼ିକୁ ସଂଗ୍ରହ କରି ବୁଥ୍ ପରିଚାଳନା ଅଧିକାରୀ ବାକି ଥିବା ଦୁଇ ନିର୍ବାଚନ ମଣ୍ଡଳୀ ପାଟକୁରା, କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରର ସମସ୍ତ ବୁଥ୍‌କୁ ଯାତ୍ରା କରିଛନ୍ତି। ପ୍ରତ୍ୟେକ ପୋଲିଂ ପାର୍ଟିରେ ଅଛନ୍ତି ଜଣେ ପ୍ରିଜାଇଡିଂ ଅଫିସର, ୫ ଜଣ ପୋଲିଂ ଅଧିକାରୀ ଓ ଜଣେ ପୁଲିସ କର୍ମଚାରୀ। ପାଟକୁରାରେ ୩୦୯ଟି ବୁଥ୍ ଥିବାବେଳେ କେନ୍ଦ୍ରାପଡ଼ାରେ ରହିଛି ୨୪୬ଟି ବୁଥ୍। ଏଥିସହ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଆଜି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଷ୍ଟ୍ରଙ୍ଗ୍‌ରୁମ୍‌ରୁ ସମସ୍ତ ବ୍ଲକ ମୁଖ୍ୟାଳୟକୁ ଇଭିଏମ୍ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସ୍ଥାନାନ୍ତର ହୋଇଛି। ସମଗ୍ର ଜିଲ୍ଲାରେ ୯୨ଟି ସଖି ବୁଥ୍ କରାଯାଇଛି। ସେଗୁଡ଼ିକ ହେଲା ପାଟକୁରା ନିର୍ବାଚନମଣ୍ଡଳୀର ୧୬ଟି, କେନ୍ଦ୍ରାପଡ଼ାରେ ୨୬ଟି, ଆଳିରେ ୧୨ଟି, ରାଜନଗରରେ ୨୨ଟି ଓ ମହାକାଳପଡ଼ାରେ ୧୬ଟି ସଖି ବୁଥ୍ କରାଯାଇଛି। ମହିଳାମାନେ ଯେଭଳି ସୁବିଧାରେ ସେମାନଙ୍କ ମତଦାନ ସାବ୍ୟସ୍ତ କରିପାରିବେ, ସେଥିପାଇଁ ଏହି ବୁଥ୍ କରାଯାଇଛି।

ଆସନ୍ତାକାଲି ଭୋଟ ଗ୍ରହଣ ସମୟରେ ଯଦି ଇଭିଏମ୍ ମେସିନ୍‌ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ପ୍ରିଜାଇଡିଂ ଅଫିସରଙ୍କ ସୂଚନାକ୍ରମେ ବ୍ଲକ ମୁଖ୍ୟାଳୟରୁ ବୁଥ୍‌କୁ ଇଭିଏମ୍ ପ୍ରେରଣ କରାଯିବ। ଗତକାଲିଠାରୁ ଅର୍ଥାତ୍ ଗୁରୁବାର ସନ୍ଧ୍ୟା ୬ ଘଟିକାରୁ ଶନିବାର ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଡ୍ରାଏ ଡେ ଘୋଷଣା ହୋଇଥିବାରୁ ଜିଲ୍ଲାରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ରହିଛି। ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛନ୍ତି। ଜିଲ୍ଲାରେ ସିଏପିଏଫ୍ (ସେଣ୍ଟ୍ରାଲ୍ ଆର୍ମଡ୍ ପୁଲିସ୍ ଫୋର୍ସ) ୧୮ କମ୍ପାନୀ ଅର୍ଥାତ୍ ୫୪ ପ୍ଲାଟୁନ୍ ମୁତୟନ ହୋଇଛନ୍ତି। ରାଜ୍ୟ ସଶସ୍ତ୍ର ପୁଲିସ୍ ବାହିନୀର ୧୩ ପ୍ଲାଟୁନ୍ ଫୋର୍ସ ମତଦାତାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବେ। ୧୪୪୫ଟି ବୁଥ୍‌ରେ ୧୪୪୫ ଜଣ ପୁଲିସ୍ କର୍ମଚାରୀ ନିଜର କର୍ତ୍ତବ୍ୟ ସମ୍ପାଦନ କରିବେ। ମତଦାନ ସମୟରେ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ଅସାମାଜିକ ତତ୍ତ୍ୱକୁ ପ୍ରତିହତ କରିବା ପାଇଁ ୧୦୮ଟି ଚାରିଚକିଆ ଯାନରେ ପୁଲିସ୍ ଅଧିକାରୀ ସମସ୍ତ ବୁଥ୍‌କୁ ପରିଦର୍ଶନ କରିବା ପାଇଁ ନିୟୋଜିତ ହୋଇଛନ୍ତି। ବାହାର ଜିଲ୍ଲାରୁ ଆସିଥିବା ୭୫୦ ଜଣ କନେଷ୍ଟବଳ ଓ ହାବିଲଦାର, ୬୧୦ ଜଣ ହୋମ୍‌ଗାର୍ଡ ନିର୍ବାଚନରେ ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିବେ। ୧୮୬ ଜଣ ପୁଲିସ୍ ଅଧିକାରୀ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ନିୟୋଜିତ ହୋଇଛନ୍ତି। ଆସନ୍ତାକାଲି ସକାଳ ୭ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ। ଶତପ୍ରତିଶତ ଭୋଟ ଦାନ କରି ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ନିବେଦନ କରିଛନ୍ତି।

# ଉତ୍ତାପଜନିତ ପରିସ୍ଥିତିର ମୁକାବିଲା ପାଇଁ ସତର୍କତା ଜାରି

**ଜଗତସିଂହପୁର, ୩୧।୫ (ସମିସ)**

ରାଜ୍ୟରେ ଭୟଙ୍କର ଉତ୍ତାପ ଜନିତ ପରିସ୍ଥିତି ସୃଷ୍ଟି ହୋଇଛି।ଜଗତସିଂହପୁର ପରି ଉପକୂଳବର୍ତ୍ତୀ ଜିଲ୍ଲାରେ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି। ବିଭିନ୍ନ ଉପକୂଳବର୍ତ୍ତୀ ଜିଲ୍ଲାରେ ୪୩ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି।ଆସନ୍ତା ତିନିଦିନ ଏହି ଉତ୍ତାପ ଜନିତ ପରିସ୍ଥିତି ଜାରି ରହିବା ସହିତ ଏଥିରେ ଦୁଇରୁ ତିନି ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ଘଟିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରାତିର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ଥିବାରୁ ଉଷ୍ମ ରାତି ଜନିତ ଆଲର୍ଟ ଜାରି କରାଯାଇଛି।ଏ ସମ୍ପର୍କରେ ଜଗତସିଂହପୁର ଜିଲ୍ଲାପାଳ ଅନୁପମ ସାହାଙ୍କ ପକ୍ଷରୁ ଜିଲ୍ଲାରେ ଉତ୍ତାପ ଜନିତ ପରିସ୍ଥିତିର ମୁକାବିଲା ପାଇଁ ଜନ ସଚେତନତା ଓ ସତର୍କ ସୂଚନା ଜାରିକରାଯାଇଛି।ସକାଳ ୧୧ଟାରୁ ଅପରାହ୍ଣ ୩ ଟା ମଧ୍ୟରେ ବାହାରକୁ ଯାଉଥିବା ଲୋକଙ୍କୁ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି।ଏହି ସମୟ ମଧ୍ୟରେ କୌଣସି କାମ ନ କରିବାକୁ କୁହାଯାଇଛି। ସମସ୍ତ ଯାତ୍ରୀବାହୀ ବସରେ ଆବଶ୍ୟକ ପାନୀୟଜଳ, ଓଆରଏସ ଏବଂ ବରଫ କ୍ୟୁବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉତ୍ତାପ ଜନିତ ପରିସ୍ଥିତିରେ ପୀଡ଼ିତଙ୍କ ଚିକିତ୍ସା ପାଇଁ ମେଡିକାଲରେ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଜିଲ୍ଲାପାଳ ଶ୍ରୀ ସାହା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସାଧାରଣ ଜନତାଙ୍କୁ ଏହି ସମୟ ମଧ୍ୟରେ ଅତ୍ୟନ୍ତ ଆବଶ୍ୟକ ନ ଥିଲେ ବାହାରକୁ ଯିବାକୁ ବାରଣ କରାଯାଇଛି। ବାହାରକୁ ବାହାରିବା ସମୟରେ ସୂତା ଓ ଢ଼ିଲା ପୋଷାକ ପିନ୍ଧି, ମୁଣ୍ଡରେ ଓଦା ଗାମୁଛା ବାନ୍ଧି, ସାଙ୍ଗରେ ପାଣି ବୋତଲ, ଛତା, ଜୋତା ଆଦି ନେଇ ଯିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଲମ୍ବା ସମୟ ଧରି ଖରାରେ ଛିଡା ନ ହୋଇ ମଝିରେ ମଝିରେ ଛାଇରେ ବିଶ୍ରାମ ନେବାକୁ ଓ ଅସୁସ୍ଥ ଲାଗିଲେ ଓ ଆର୍ ଏସ୍ ପିଇବା ସହ ଓଦା କପଡ଼ା ରେ ପୋଛି ହେବା, ଯଥେଷ୍ଟ ପରିମାଣରେ ପାଣି, ଘୋଳଦହି, ତୋରାଣି ଆଦି ପିଇବା ପାଇଁ ପରାମର୍ଶ ଦିଆଯାଇଛି। ଖରାରେ ଅଧିକ ଶାରୀରିକ ପରିଶ୍ରମ ନ କରି ସକାଳ ୧୧ ଟା ପୂର୍ବରୁ ଏବଂ ଖରା କମିବା ପରେ କାମକୁ ବାହାରିବା କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ, କୌଣସି ଜରୁରୀ ପରିସ୍ଥିତି ଆସିଲେ ଜିଲ୍ଲାରେ ଖୋଲାଯାଇଥିବା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍, ଯାହାର ଟୋଲ ଫ୍ରି ନମ୍ବର ୧୦୭୭ ରହିଛି, ସେଥିରେ ଯୋଗାଯୋଗ କରିବା ପାଇଁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ● ମଣିଯଙ୍ଗ-ଧାରିବିଲ ରାସ୍ତା

# କାମର ମାନ ଯାଞ୍ଚ୍ କଲେ ଅଧୀକ୍ଷଣ ଯନ୍ତ୍ରୀ

**ରଘୁନାଥପୁର, ୩୧।୫ (ସମିସ):** କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ମଣିଯଙ୍ଗ- ଧାରିବିଲ ରାସ୍ତା ପ୍ରଶସ୍ତିକରଣ କାମ ଚାଲିଛି। ଆଜି ପୂର୍ବାହ୍ନରେ କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଶୋକ କୁମାର ସାହୁ ପହଞ୍ଚି ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟର ମାନ ପରୀକ୍ଷା କରିଛନ୍ତି। ୭ କୋଟି ୬୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୬.୪୦୦ କିଲୋମିଟର ବ୍ୟାପି ଏହି ରାସ୍ତା ମାହାଳହାଟ-ଉତ୍ତରକୂଳ-ଧାରିବିଲ-ମଣିଯଙ୍ଗ ଦେଇ ବିଲହାଟ ପାଖରେ ପହଞ୍ଚିବ। ଆଜି ପୂର୍ବାହ୍ନରେ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସାହୁ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ନିକଟରେ ପହଞ୍ଚି ମୋଟେଇ ଓ ଗ୍ରେଡିଂର ମାନ ପରୀକ୍ଷା କରିଥିଲେ। ତାଙ୍କ ପରିଦର୍ଶନ ସମୟରେ ନେମାଳ ସହକାରୀ ଯନ୍ତ୍ରୀ ଶଶୀକାନ୍ତ ମାଝୀ, ଠିକାଦାର ତପନ କୁମାର ଶ୍ୟାମଲ, ମଣିଯଙ୍ଗ ସରପଞ୍ଚ ଶାରଦା ପ୍ରାସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



# ସୁନ୍ଦରଗଡ଼ରେ ଅଗ୍ନିବର୍ଷା, ଅଂଶୁଘାତ ଆତଙ୍କ

ସୁନ୍ଦରଗଡ଼, ୩୧।୫(ସମିସ)

କିଛିଦିନ ହେବ ସୁନ୍ଦରଗଡ଼ରେ ଅଗ୍ନିବର୍ଷା ହେଉଛି। ଗତ ୨୭ ତାରିଖରୁ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀରୁ ତଳକୁ ଖସୁନାହିଁ। ୨୮ ତାରିଖ ସର୍ବୋଚ୍ଚ ତାପମାତ୍ରା ୪୧.୬ ଡିଗ୍ରୀ ଓ ୨୯ ତାରିଖରେ ୪୩.୪ ଡିଗ୍ରୀ ରହିଥିବା ବେଳେ ଗୁରୁବାର ୪୩.୬ ଡିଗ୍ରୀ ରହିଥିଲା। ଶୁକ୍ରବାର ୪୨ ଡିଗ୍ରୀ ରେକର୍ଡ ହୋଇଛି। ଏ ସ୍ଥିତିରେ ଜିଲ୍ଲାରେ ଅଂଶୁଘାତରେ ଜଣଙ୍କ ପରେ ଜଣଙ୍କ ଜୀବନ ଯାଉଥିବା ଅଭିଯୋଗ ହେଉଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଜିଲ୍ଲା ଆପତକାଳୀନ ବିଭାଗରେ ଅଂଶୁଘାତ ମୃତ୍ୟୁ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ନାହିଁ। ତେବେ ଅସମର୍ଥିତ ସୂତ୍ର ମୁତାବକ ୨ ଦିନ ମଧ୍ୟରେ ସମଗ୍ର ଜିଲ୍ଲାରେ ଅଂଶୁଘାତ ୧୮ରୁ ଅଧିକ ବ୍ୟକ୍ତିଙ୍କ ଜୀବନ ନେଲାଣି।




ସୁନ୍ଦରଗଡ଼ ଟାଉନ ଥାନାରୁ ଅନତି ଦୂରରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଖରାରେ ଜରି ଗୋଟାଉଥିବା ବେଳେ ଛଟପଟ ହୋଇ ମହିଳାଙ୍କ ମୃତ୍ୟୁ ହୋଇଛି। ସମ୍ପୃକ୍ତ ମହିଳାଙ୍କ ନାମ ବିଳାସିନୀ ଦେବୀ (୫୫) ଓ ଘର ଝାଡ଼ଖଣ୍ଡ ରାଜ୍ୟ ବୋଲି ଜଣାପଡ଼ିଛି। ବିଳାସିନୀ ତାଙ୍କ ୧୦ ବର୍ଷ ବୟସ୍କ ପୁଅ ସହ ସ୍ଥାନୀୟ ମୁଣ୍ଡାପଡ଼ାରେ ଭଡ଼ାଘରେ ରହୁଥିଲେ। ତାଙ୍କ ସ୍ୱାମୀ ଝାଡ଼ଖଣ୍ଡରେ ରହୁଥିବା ବେଳେ ବଡ଼ପୁଅ ଶ୍ରମିକ ଭାବେ କାମ କରିବାକୁ ଗୋଆ ଯାଇଛନ୍ତି। ସାନପୁଅ ସ୍ଥାନୀୟ ଏକ ସ୍କୁଲରେ ପଞ୍ଚମ ଶ୍ରେଣୀରେ ପାଠ ପଢ଼ୁଛନ୍ତି। ବିଳାସିନୀ ସକାଳ ସାଢ଼େ ୫ଟାରୁ ଜରି, ବୋତଲ ଆଦି ବର୍ଜ୍ୟବସ୍ତୁ ଗୋଟାଇବାକୁ ଘରୁ ବାହାରିଥିଲେ। ଖରାରରେ ବୁଲି ବୁଲି ସେ ବର୍ଜ୍ୟବସ୍ତୁ ଗୋଟାଉଥିବା ବେଳେ ଥାନାରୁ ଅନତି ଦୂରରେ ତାଙ୍କ ଏପରି ଦୁଃଖଦ ମୃତ୍ୟୁ ଘଟିଛି। ଏହା ଅଂଶୁଘାତଜନିତ ମୃତ୍ୟୁ ବୋଲି କୁହାଯାଉଛି। ପୁଲିସ ମୃତଦେହ ଜବତ କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ସଂରକ୍ଷିତ ରଖାଇଛି।

## ଜେଏସ୍‌ପି ଫାଉଣ୍ଡେସନର 'ଯଶସ୍ୱୀ ମେଧାବୃତ୍ତି' ସହାୟତା

# ବିଶ୍ୱବିଦ୍ୟାଳୟ ଟପ୍ପର ହେଲେ ନମ୍ରତା ବେହେରା



**ରାଉରକେଲା, ୩୧।୫(ସମିସ):** ଖୁରେଇଟାଙ୍ଗିରୀସ୍ଥିତ ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ନମ୍ରତା ବେହେରା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗ ସ୍ନାତକ ପରୀକ୍ଷାରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜେଏସପି ଫାଉଣ୍ଡେସନ ଦ୍ୱାରା ଗରିବ ମେଧାବୀ ଛାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା 'ଯଶସ୍ୱୀ ମେଧାବୃତ୍ତି' ସହାୟତାରେ ଅଧ୍ୟୟନ କରୁଥିଲେ। ବିଶ୍ୱବିଦ୍ୟାଳୟରେ ଟପ୍ପର ହେବା ପରେ ତାଙ୍କୁ ଅଭିନନ୍ଦନର ସୁଅ ଛୁଟିଛି।

ଖୁରେଇଟାଙ୍ଗିରୀ ପଞ୍ଚାୟତ ଡଳଙ୍ଗ ଗାଁର ବିଜୟାନନ୍ଦ ବେହେରା ଓ ଗୀତାଞ୍ଜଳି ବେହେରାଙ୍କ ଝିଅ ନମ୍ରତାଙ୍କ ଉଚ୍ଚଶିକ୍ଷା ନିମନ୍ତେ ଆର୍ଥିକ ସମସ୍ୟା ବାଧା ସୃଷ୍ଟି କରୁଥିଲା। ତେବେ ତାଙ୍କୁ ଜେଏସପି ଫାଉଣ୍ଡେସନ ସହାୟତାର ହାତ ବଢ଼ାଇଥିଲା। ଫାଉଣ୍ଡେସନର 'ଯଶସ୍ୱୀ ମେଧାବୃତ୍ତି' ଯୋଜନା ନମ୍ରତାଙ୍କ ସମ୍ପୂର୍ଣ୍ଣ ପଢ଼ାଖର୍ଚ୍ଚ ବହନ କରିଥିଲା। ନମ୍ରତା ଏହି ସଫଳତା ପାଇଁ ନିଜ ମାତା-ପିତା ଓ ପରିବାର ସଦସ୍ୟଙ୍କ ସମେତ ମହାବିଦ୍ୟାଳୟ ଅଧ୍ୟକ୍ଷ ରବିନାରାୟଣ ମହାନ୍ତ, ଅନ୍ୟ ଅଧ୍ୟାପକ-ଅଧ୍ୟାପିକା ଏବଂ ଫାଉଣ୍ଡେସନକୁ ଶ୍ରେୟ ଦେଇଛନ୍ତି। ସେ ପରୀକ୍ଷାରେ ୧୪୦୦ରୁ ୧୨୧୯ (୮୭ ପ୍ରତିଶତ) ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି।

ଭବିଷ୍ୟତରେ ସେ ଏହି ବିଷୟରେ ଉଚ୍ଚଶିକ୍ଷା ହାସଲ କରିବା ସହ ଜଣେ ଭଲ ସଫ୍ଟୱେର ଇଞ୍ଜିନିୟର ହେବେ ବୋଲି ଆଶା ରଖିଛନ୍ତି। ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ମହାନ୍ତ ଏହି ସଫଳତା ପାଇଁ ନମ୍ରତାଙ୍କୁ ଅଭିନନ୍ଦନ ଜଣାଇବା ସହ ଶିକ୍ଷାଦାନରେ ସାମିଲ ଥିବା ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ମଧ୍ୟ ଅଭିନନ୍ଦନ ଓ ଜେଏସପି ଫାଉଣ୍ଡେସନକୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, 'ଯଶସ୍ୱୀ ମେଧାବୃତ୍ତି' କାର୍ଯ୍ୟକ୍ରମ ଜେଏସପି ଫାଉଣ୍ଡେସନର ଏକ ବିଶେଷ ଉଦ୍ୟମ, ଯାହା ଦ୍ୱାରା ଫାଉଣ୍ଡେସନ ଗରିବ, ଅବହେଳିତ, ବଞ୍ଚିତ ଏବଂ ମେଧାବୀ ଛାତ୍ରୀଙ୍କୁ ସେମାନଙ୍କ ଉଚ୍ଚଶିକ୍ଷା ଓ କୌଶଳ ବିକାଶରେ ସହଯୋଗ କରିଆସୁଛି। ବିଶେଷକରି ଗ୍ରାମୀଣ, ଜଙ୍ଗଲ ଓ ଆଦିବାସୀ ପ୍ରବଣ କ୍ଷେତ୍ରର ପିଲାଙ୍କୁ ଏହି ଯୋଜନା ମାଧ୍ୟମରେ ଉପକାର ମିଳିପାରୁଛି। ୨୦୨୨ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଦ୍ୱାରା ଏପର୍ଯ୍ୟନ୍ତ ୧୧୦୦୦ ଛାତ୍ରୀ ଉପକୃତ ହୋଇପାରିଛନ୍ତି।

# ଟ୍ୟାଙ୍କର ଧକ୍କାରେ ସ୍କୁଟି ଚାଳକ ମୃତ

**ସୁନ୍ଦରଗଡ଼, ୩୧।୫(ସମିସ):** ହେମଗିରି ଥାନା ଅନ୍ତର୍ଗତ ଗର୍ଜନବାହାଲ-ବଲିଙ୍ଗା ରାସ୍ତାରେ ଶୁକ୍ରବାର ସକାଳେ ଟ୍ୟାଙ୍କର ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଡୁଡକା ଗ୍ରାମର ଏମଡି. ସରିଫ ଖାନ୍ (୨୮)। ସରିଫ ତାଙ୍କ ସ୍କୁଟିରେ ଯାଉଥିବା ବେଳେ ଟ୍ୟାଙ୍କର ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଟ୍ୟାଙ୍କର ଚାଳକ ଗାଡ଼ିକୁ ଛାଡ଼ି ଫେରାର ହୋଇଯାଇଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇ ଦୁର୍ଘଟଣା ଘଟାଇଥିବା ଗାଡ଼ିର ଚାଳକଙ୍କୁ ଧରିବାକୁ ଉଦ୍ୟମ କରାଯାଉଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ମେଧାବୀଙ୍କୁ ସମ୍ବର୍ଦ୍ଧନା



**ସୁନ୍ଦରଗଡ଼, ୩୧।୫(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ୨ ଓ ଏ-୨ରେ ପାସ କରିଥିବା ୧୦ ମେଧାବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକମାନେ ଯୋଗଦେଇଥିଲେ। ସଭାପତି ଗୌରୀଶଙ୍କର ପଟେଲ ମେଧାବୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ଭବିଷ୍ୟତରେ ଆଦର୍ଶ ଶୃଙ୍ଖଳିତ ବ୍ୟକ୍ତିତ୍ୱର ଅଧିକାରୀ ହେବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ଶ୍ରୀବତ୍ସ ଚୌଧୁରୀ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଧରଣୀଧର ପଟେଲ, ଚିନ୍ତାମଣି ଓରାମ, ରତ୍ନାକର ରାଉତ, ଗୋପୀନାଥ ନାଏକ, ସୁଧାଂଶୁ କୁମାର ଚୌଧୁରୀ, ଆଚାର୍ଯ୍ୟ କୌଶିକ ଚୌଧୁରୀ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହ୍ୟ ତାତି; ଜନଜୀବନ ଅସ୍ତବ୍ୟସ୍ତ

# ସ୍ୱାସ୍ଥ୍ୟକର୍ମୀ ଏବଂ ଆଶାକର୍ମୀଙ୍କ ସଚେତନତା କାର୍ଯ୍ୟକ୍ରମ



**ହେମଗିରି, ୩୧।୫(ସମିସ):** ହେମଗିରି ବ୍ଲକରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଜଳାଶୟ ଶୁଖିବାରେ ଲାଗିଥିବା ବେଳେ ପାଇପ ପାଣି ଉପରେ ନିର୍ଭର କରୁଥିବା ଲୋକେ ମଧ୍ୟ ହଇରାଣ ହେଉଛନ୍ତି। ଅନ୍ୟପଟେ ସ୍ୱାସ୍ଥ୍ୟକର୍ମୀ ଏବଂ ଆଶାକର୍ମୀମାନେ ଅଂଶୁଘାତ ନେଇ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି।

# ଡାକବାଜି ଯନ୍ତ୍ର ଦ୍ୱାରା ଅଂଶୁଘାତ ସଚେତନତା

**କୁତ୍ରା, ୩୧।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ ପ୍ରଚଣ୍ଡ ତାତି ଅନୁଭୂତ ହେଉଥିବାରୁ ଅଂଶୁଘାତରେ ବହୁ ଲୋକଙ୍କ ଜୀବନ ଗଲାଣି। ଶୁକ୍ରବାର ଏକ ଗାଡ଼ିରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଅଂଶୁଘାତରୁ ରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦୁଇଦିନ ହେବ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ୪୫° ରହୁଛି। ଫଳରେ ଅଂଶୁଘାତରେ ଦୁଇଦିନ ମଧ୍ୟରେ ବହୁ ଲୋକଙ୍କ ମୃତ୍ୟୁ ଘଟିଛି। ଏହାକୁ ଦୃଷ୍ଟିରେ ରଖି କୁତ୍ରା ବ୍ଲକର ବିଭିନ୍ନ ସ୍ଥାନରେ ବ୍ଲକ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଦିନରେ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଘରୁ ନ ବାହାରିବା ସହ ଘରୁ ବାହାରିବା ବେଳେ ଗାମୁଛା, ଛତା ଓ ଚଷମା ବ୍ୟବହାର କରିବା ପାଇଁ ଲୋକଙ୍କୁ ଅନୁରୋଧ କରାଯାଉଛି। ଆଗାମୀ ଦିନରେ ଅଞ୍ଚଳରେ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।



## ୧୦ ଫୁଟ ତଳକୁ ଓଲଟିଲା ପିକଅପ୍ ଭ୍ୟାନ୍

# ଶାଶୂ-ବୋହୂ ମୃତ; ୭ ଆହତ

**ସୁନ୍ଦରଗଡ଼, ୩୧।୫(ସମିସ):** ହେମଗିରି ଥାନା ଅନ୍ତର୍ଗତ ଉସ୍ତାଳି ଘାଟି ନିକଟରେ ଶୁକ୍ରବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। କିଛି ଶ୍ରମିକଙ୍କୁ ନେଇ ଯାଉଥିବା ଏକ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ଘାଟିରୁ ପ୍ରାୟ ୧୦ ଫୁଟ ତଳକୁ ଖସି ପଡ଼ିବା ଫଳରେ ଶାଶୂ-ବୋହୂଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ହେମଗିରି ଗ୍ରାମର ମୋତି ଗନ୍ଧରବା (୨୮) ଓ ତାଙ୍କ ଶାଶୂ ସେମବାଇ ଗନ୍ଧରବା (୫୫)। ଆହତଙ୍କ ମଧ୍ୟରେ ଏହି ଗ୍ରାମର ରୂପେଶ ମୈତ୍ରୀ (୧୮), ହୁକୁମ ମୈତ୍ରୀ (୪୩), ବିନୋଦ ମୈତ୍ରୀ (୧୬), ଧନୁକୁମାରୀ ମୈତ୍ରୀ (୪୨), ମମତା ଗନ୍ଧରବା (୩୦), ଯଶୋଦା ଗନ୍ଧରବା (୪୦) ଓ ଗାଡ଼ି ଚାଳକ ହୃଦାନ୍ଦ କୁମାର (୨୮) ରହିଛନ୍ତି।

ସ୍ଥାନୀୟ ଡୁଡୁକାଠାରେ ଠିକା ସଂସ୍ଥା ବାଲାଜୀ କନଷ୍ଟ୍ରକସନର କାମ ଚାଲିଛି। ଏହି ଠିକା ସଂସ୍ଥା ପକ୍ଷରୁ ହେମଗିରି ଗ୍ରାମର କିଛି ଶ୍ରମିକଙ୍କୁ କାମ କରିବାକୁ ଉକ୍ତ ଗାଡ଼ିରେ ନିଆଯାଉଥିଲା। ଉସ୍ତାଳି ଘାଟିରେ ଭାରସାମ୍ୟ ହରାଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ପ୍ରଥମେ ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ମୁଖ୍ୟ ଚକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ଅନ୍ୟପଟେ ଦୁର୍ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ହେମଗିରି ଥାନା ଆଇଆଇସି ପ୍ରଶାନ୍ତ କୁମାର ସାହୁ ସଦଳବଳ ଘଟଣାସ୍ଥଳକୁ ପହଞ୍ଚି ଆନ୍ଦୋଳନାକାରୀଙ୍କ ସହ ଆଲୋଚନା କରିଥିଲେ। ଠିକାସଂସ୍ଥା ପକ୍ଷରୁ ମୃତକଙ୍କ ପରିବାରକୁ ଅଢ଼େଇ ଲକ୍ଷ ଟଙ୍କା ସହ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୁଲିସ ଦୁଇଜଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଆହତଙ୍କ ମଧ୍ୟରେ ଜଣେ ୧୬ ବର୍ଷୀୟ ନାବାଳକ ରହିଥିବାରୁ ଠିକାସଂସ୍ଥା ଶିଶୁ ଶ୍ରମିକଙ୍କୁ ମଧ୍ୟ ନିୟୋଜିତ କରୁଥିବା ସ୍ପଷ୍ଟ ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ସମ୍ପୃକ୍ତ ଠିକାସଂସ୍ଥା ବିରୋଧରେ ଶିଶୁ ଶ୍ରମିକ ନିରୋଧ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଅଂଶୁଘାତ ମୁକାବିଲା ନେଇ ସଚେତନତା କାର୍ଯ୍ୟକ୍ରମ



**ସୁନ୍ଦରଗଡ଼, ୩୧।୫(ସମିସ):** ସମ୍ପ୍ରତି ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ଅଂଶୁଘାତଜନିତ ବିପଦ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀମାନଙ୍କୁ ଘର ଘର ବୁଲି ଯୁଦ୍ଧକାଳୀନ ଭିତ୍ତିରେ ଲୋକଙ୍କୁ ଅଂଶୁଘାତ ମୁକାବିଲା ପାଇଁ ସଚେତନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ବଡ଼ଗାଁ ବ୍ଲକ ଗରଗଡ଼ବାହାଲ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଅଧୀନ ଗରଗଡ଼ବାହାଲ ଗ୍ରାମରେ ମାତିଲଦା କୁଲ୍ଲୁ ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନ କରିଥିଲେ। ଏହି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଦାଣ୍ଡଜମିରା, ଢଲୋପଡ଼ା, ବରପାଲି, ମକୁନ୍ଦପୁର, ଯାଜପୁର, ସନିଚରପଡ଼ା, ଚାରପାଲିରେ ମଧ୍ୟ ସଚେତନତା ବୈଠକ କରାଯାଇଥିଲା। ଆଶାକର୍ମୀଙ୍କ ସମେତ ସିଏଚଓ ସୁଜାତା ସାହୁ, ମହିଳା ସ୍ୱାସ୍ଥ୍ୟ କର୍ମୀ ଅଞ୍ଜଳିବାଲା ମହାକୁଡ଼ ପ୍ରମୁଖ ଘର ଘର ବୁଲି ଲୋକଙ୍କୁ ସଚେତନ କରିଥିଲେ। ଅଂଶୁଘାତର କାରଣ, ଲକ୍ଷଣ, ଚିକିତ୍ସା ଏବଂ ନିରାକରଣ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। କେହି ଅଂଶୁଘାତର ଶିକାର ହେଲେ ଆଶାକର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଯେକୌଣସି କାର୍ଯ୍ୟକୁ ଗଲାବେଳେ ପେଟପୂରା ଖାଇବା, ପ୍ରଚୁର ପାଣି ପିଇବା, ନିଶାଦ୍ରବ୍ୟଠାରୁ ଦୂରେଇ ରହିବା, ଦିନ ୧୦ଟାରୁ ୪ ପର୍ଯ୍ୟନ୍ତ ଅତ୍ୟନ୍ତ ଖରା ଥିବାରୁ ଘରୁ ନ ବାହାରିବା, ଗର୍ଭବତୀ ମହିଳା, ଶିଶୁ ଖରାକୁ ନ ଯିବା, କୌଣସି ବ୍ୟକ୍ତି ବାହାରକୁ ଗଲେ ସାଙ୍ଗରେ ଛତା, ଓଦା ଗାମୁଛା, କଳା ଚଷମା, ସୂତାଲୁଗା ପିନ୍ଧିବା, ପାଦରେ ଚପଲ କିମ୍ବା ଜୋତା ପିନ୍ଧିବା, ସାଙ୍ଗରେ ପାଣି ବୋତଲ ଧରି ଯିବାକୁ ପରାମର୍ଶ ଦେଇଥିଲେ।

# ଅବସର ନେଲେ ମୁଖ୍ୟ କିରାଣି ଓ ସହାୟକ କିରାଣି



**କୁତ୍ରା, ୩୧।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡ଼ାସ୍ଥିତ ଡାଲମିଆ ମହାବିଦ୍ୟାଳୟର ମୁଖ୍ୟ କିରାଣି ଭୋଜରାଜ ପରିଜା ଓ ସହାୟକ କିରାଣି ସିଲଭାନୁସ ମିଞ୍ଜ ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ମୁଖ୍ୟ କିରାଣି ପରିଜା ୧୯୮୧ରେ ରାଜଗାଙ୍ଗପୁର ସରବତୀ ଦେବୀ ମହିଳା ମହାବିଦ୍ୟାଳୟରୁ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୧୬ରୁ ୨୦୧୮ ପର୍ଯ୍ୟନ୍ତ ରାଉରକେଲା ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମୁଖ୍ୟ କିରାଣି ଭାବେ କାର୍ଯ୍ୟକରି ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୮ ଜୁନରୁ ଡାଲମିଆ ମହାବିଦ୍ୟାଳୟରେ ମୁଖ୍ୟ କିରାଣି ଭାବରେ କାର୍ଯ୍ୟକରି ଅବସର ଗ୍ରହଣ କରିଛନ୍ତି। ସହାୟକ କିରାଣି ମିଞ୍ଜ ୨୦୦୦ରେ ଡାଲମିଆ ମହାବିଦ୍ୟାଳୟରେ ଯୋଗଦେଇ ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଉଭୟଙ୍କ ଅବସର କାଳୀନ ଜୀବନ ସୁଖମୟ ହେଉ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ତଥା ସମସ୍ତ କର୍ମଚାରୀମାନେ ଶୁଭକାମନା ଜଣାଇଛନ୍ତି।

## ଜିଲ୍ଲା ମୁଖ୍ୟ ଡାକ୍ତରଖାନା

# ୩ ଦିନରେ ୭ ଅସ୍ୱାଭାବିକ ମୃତ୍ୟୁ

**ଅଂଶୁଘାତରେ ଦୁଇଜଣଙ୍କ ମୃତ୍ୟୁ ଆଶଙ୍କା**

**ସୁନ୍ଦରଗଡ଼, ୩୧।୫(ସମିସ):** ତିନିଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁବାର ୪ ଓ ବୁଧବାର ଜଣଙ୍କ ମୃତ୍ୟୁ ହୋଇଛି। ସମସ୍ତ ମୃତଦେହ ବ୍ୟବଚ୍ଛେଦ ହୋଇଛି। ସେଥିମଧ୍ୟରୁ ୨ ଜଣଙ୍କ ଅଂଶୁଘାତଜନିତ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତେବେ ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର ରାଉରକେଲା ଡ୍ୟୁଟିରେ ଯାଇଥିବାରୁ ବ୍ୟବଚ୍ଛେଦ ରିପୋର୍ଟ ପ୍ରସ୍ତୁତ ହୋଇପାରି ନ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି।

# ମସ୍ନିକାନୀରେ ଅଂଶୁଘାତ ସଚେତନତା



**ସୁନ୍ଦରଗଡ଼, ୩୧।୫(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ମସ୍ନିକାନି ଗ୍ରାମରେ ଆଶାକର୍ମୀ ସୁଜାତା ନାଏକ, ମମତା ରାଉତ ଓ ଅଙ୍ଗନବାଡ଼ି କର୍ମୀ ଚନ୍ଦ୍ରକାନ୍ତି ପଟେଲଙ୍କ ତତ୍ତ୍ୱାବଧାନରେ ଅଂଶୁଘାତ ସତର୍କତା ପାଇଁ ଘର ଘର ବୁଲି ସଚେତନ କରାଯାଇଛି। ପରେ ଗ୍ରାମ ମଣ୍ଡପରେ ଏକ ସଚେତନତା ସଭା କରି ସେମାନେ ଲୋକଙ୍କୁ ବୁଝାଇଛନ୍ତି। ଗ୍ରାମବାସୀଙ୍କୁ ଅଂଶୁଘାତ ମୁକାବିଲା ସମ୍ପର୍କରେ ଜାରି ହୋଇଥିବା ସରକାରୀ ମାର୍ଗଦର୍ଶିକା ସମ୍ପର୍କରେ ଅବଗତ କରିଛନ୍ତି।

# ସଙ୍ଗୀତ ଶିଳ୍ପୀ ସମାଜର ମାସିକ ସଭା





ରାଉରକେଲା, ୩୧।୫(ସମିସ)

ସଙ୍ଗୀତ ଶିଳ୍ପୀ ସମାଜର ମେ ମାସର ମାସିକ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ସେକ୍ଟର-୧୯ କବିଚନ୍ଦ୍ର କଳାକେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ସଭାପତି ଶରତ ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦ୍ରିଷ୍ଟି ତ୍ରିପାଠୀ ଶିଳ୍ପୀମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ସନ୍ଧ୍ୟାର କାର୍ଯ୍ୟକ୍ରମରେ ଅପର୍ଣ୍ଣା ବେହେରା, ଚିରସ୍ମିତା ଜେନା, ପରିଣୀତା ନାୟକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସୌମ୍ୟଶୁଭମ ସାହୁ ବଂଶୀ ବାଦନ କରିଥିଲେ। ମମତାଞ୍ଜଳି ଦାସ, ସୁନୀତା ବିଶ୍ୱାଳ, ଦ୍ରିଷ୍ଟି ତ୍ରିପାଠୀ ଓଡ଼ିଶୀ ସଙ୍ଗୀତ ଓ ଗୀତଗୋବିନ୍ଦ ଗାନ କରିଥିଲେ। ଗୁରୁ ଜଗନ୍ନାଥ ଦାସଙ୍କ ନିର୍ଦ୍ଦେଶନାରେ ସତ୍ୟରଞ୍ଜନ ପାଢ଼ୀ, ତାପସୀ ପାତ୍ର, ସାଇକୃଷ୍ଣ ଶ୍ରୀଚନ୍ଦନ, ପରମାର୍ଥ ଆଚାର୍ଯ୍ୟ, ସିଦ୍ଧାନ୍ତ ନମିତା, ପ୍ରିୟାଂଶୁ ଦାସ, ପ୍ରିୟାଂଶୁ ପଟ୍ଟନାୟକ, ଶିବାନ୍ତ ସାଇ ଖଣ୍ଡୁଆଳ, ସୁରେନ୍ଦ୍ର ରାଉତ, ଆଦିତ୍ୟ ଦାସ, ସ୍ୱାଧୀନ ଦାସ, ଶ୍ରୀତମ ଦାସ, ରୁଦ୍ରଦେବ ମୁର୍ମୁ, ଦିଲୀପ ମଙ୍ଗଳ, ଭରତ ମିଶ୍ର ପ୍ରମୁଖ ତବଲା ବାଦନ କରିଥିଲେ। ବାଦ୍ୟଯନ୍ତ୍ରରେ ଗୁରୁ ଜଗନ୍ନାଥ ଦାସ, ପ୍ରଫୁଲ୍ଲ ମଙ୍ଗଳ, ଗଜରାଜ ମୋହିନୀ ପ୍ରମୁଖ ସହଯୋଗ କରିଥିଲେ। ସୁଜାତା ବେହେରା, ନିରାକାର ଜେନା, ସ୍ମୃତିରେଖା ପଣ୍ଡା, ଆର୍ଯ୍ୟପ୍ରକାଶ ଜେନା, ମମତା ନାୟକ, ରଞ୍ଜନ ସାହୁ, ଶୁଭେନ୍ଦୁ ପଟ୍ଟନାୟକ, ବଂଶୀଧର ସାହୁ, ନରସିଂହ ପାଣିଗ୍ରାହୀ, ସସ୍ମିତା ପଟ୍ଟନାୟକ, ରଞ୍ଜିତା ସାହୁ, ମମତା ମୋହିନୀ, ବିଜୟ ମୋହିନୀ, ଦେବଲୀନା ଲୋହାର, ଅର୍ଚ୍ଚନା ନମିତା, ମିନତି ଟୁଡ୍ଡୁ, ସଞ୍ଜୁକ୍ତା ହାଟୁଆ ପ୍ରମୁଖ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମଙ୍ଗଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଅମର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

